# ତଦନ୍ତ ସରିଲା, ଖସିଯିବେ ବଡ଼ବଡ଼ିଆ

**୫ମିନିଟ୍ ବ୍ୟବଧାନ: ଗୋଟିଏ ଗାଡ଼ିରେ ୨ମିଲ୍‌କୁ ଧାନଯିବା ଘଟଣା**

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)



ମେଲଛାମୁଣ୍ଡା ମଣ୍ଡିରେ ବିକ୍ରି ଅପେକ୍ଷାରେ ଥିବା ଧାନ।



ଘେଁସ୍ ମଣ୍ଡିରେ ବିକ୍ରି ଅପେକ୍ଷାରେ ଥିବା ଧାନ।

ବରଗଡ଼ ଜିଲାରେ ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି ନୂଆଁ କଥା ନୁହେଁ। ପ୍ରତ୍ୟେକ ଧାନ ସଂଗ୍ରହ ପ୍ରକ୍ରିୟାରେ ଏହା ଚାଲି ଆସୁଥିବା ଅଭିଯୋଗ ହୋଇଛି। କିନ୍ତୁ ପ୍ରଶାସନ ଏହାକୁ ସବୁବେଳେ ହାଲୁକାଭାବେ ନେଉଥିଲା। ଏଭଳି ଫଲ୍ସ ଏଣ୍ଟ୍ରିର ପ୍ରମାଣ ଗତ ମଙ୍ଗଳବାର ଧରିତ୍ରୀକୁ ମିଳିଥିଲା ଏବଂ ବୁଧବାର ଧରିତ୍ରୀରେ ସଚିତ୍ର(ଯୋଗାଣ ବିଭାଗ ପକ୍ଷରୁ ଇସ୍ୟୁ ହୋଇଥିବା ଟ୍ରାନଜିଟ୍ ପାସ୍ କମ୍ ଏକସେପଟେନ୍ସ ନୋଟ୍ କପି) ଖବର ପ୍ରକାଶ ପାଇବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ମଧ୍ୟ ଘଟଣାକୁ ଗୁରୁତ୍ୱର ସହିତ ନେଇଛନ୍ତି ଏବଂ ଧରିତ୍ରୀରେ ଖବର ପ୍ରକାଶ ପାଇବା ଦିନ ହିଁ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଆଚାର୍ଯ୍ୟ ଏଥିପାଇଁ ବରଗଡ଼ ସଦର ଏବଂ ପଦ୍ମପୁର ସହକାରୀ ଯୋଗାଣ ଅଧିକାରୀ(ଏସିଏସ୍ଓ)ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରିଥିଲେ। ସମ୍ପୃକ୍ତ ଟିମ୍ ଇତିମଧ୍ୟରେ ତଦନ୍ତ ସାରିଥିବାବେଳେ ତଦନ୍ତ ରିପୋର୍ଟ ମଧ୍ୟ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଦେଇଛନ୍ତି ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସେହି ତଦନ୍ତ ରିପୋର୍ଟକୁ ଜିଲାପାଳଙ୍କୁ ପ୍ରଦାନ କରିଥିବାବେଳେ ସେହି ରିପୋର୍ଟର ତର୍ଜମା କରି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ସମବାୟ ଉପ ନିବନ୍ଧକ(ଡିଆର୍‌ସିଏସ୍) ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ସମ୍ପାଦକଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି। ମାତ୍ର ଏପର୍ଯ୍ୟନ୍ତ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ଏହି ଘଟଣାରେ ପ୍ୟାଚ୍‌ଅପ୍ ମାରିବାକୁ ଉଦ୍ୟମ ଆରମ୍ଭ ହୋଇଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଏଥିରେ ଉପରିସ୍ଥ ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ନାନା ସନ୍ଦେହ ଉପୁଜିଛି।

ଶୁକ୍ରବାର ରାତିରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଆଚାର୍ଯ୍ୟଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯିବା ପରେ ସେ କହିଥିଲେ, ଉକ୍ତ ଘଟଣାର ତଦନ୍ତ ସରିଛି। ଜିଲାପାଳଙ୍କୁ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମବାୟ ଉପ ନିବନ୍ଧକ(ଡିଆର୍‌ସିଏସ୍) ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଚାର୍ଯ୍ୟ କହିଥିଲେ। ଏହାପରେ ଡିଆର୍‌ସିଏସ୍ ଦାଶଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଉପରେ ସେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନେବେ ଏବଂ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)କୁ ନେଇ ପଦ୍ମପୁର ଆର୍‌ଏମ୍‌ସି ସମ୍ପାଦକ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେ କହିଥିଲେ। ତେବେ ଘଟଣା ପଦାକୁ ଆସିବାର ୪ଦିନ ବିତିଯାଇ ଥିଲେ ସୁଦ୍ଧା ସେଭଳି ଫଲ୍ସ ଏଣ୍ଟ୍ରିରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଗଲା, ତାହା ଏପର୍ଯ୍ୟନ୍ତ ଯୋଗାଣ ବିଭାଗ, ସମବାୟ ବିଭାଗ କିମ୍ବା ଆର୍‌ଏମ୍‌ସି ସ୍ପଷ୍ଟ କରୁନାହିଁ। ଶନିବାର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଆଚାର୍ଯ୍ୟଙ୍କୁ ତାଙ୍କ ମୋବାଇଲ ନମ୍ବର (୯୪୩୭୧୫୬୦୨୦)ରେ ଯୋଗାଯୋଗ କରିବାରୁ ସେ ଫୋନ୍ ରିସିଭ୍ କରି ନ ଥିଲେ। ସେହିପରି ଡିଆର୍‌ସିଏସ୍ ଦାଶଙ୍କୁ ତାଙ୍କ ମୋବାଇଲ ନମ୍ବର (୯୪୩୭୩୧୩୫୫)କୁ ଯୋଗାଯୋଗ କରିବାରୁ ସେ ମଧ୍ୟ ଅନୁରୂପଭାବେ ଫୋନ ରିସିଭ୍ କରି ନ ଥିଲେ। ପଦ୍ମପୁର ଆର୍‌ଏମ୍‌ସି ସମ୍ପାଦକ ରବିନାରାୟଣ ପଣ୍ଡାଙ୍କୁ ତାଙ୍କ ମୋବାଇଲ ନମ୍ବର (୭୦୦୮୨୧୬୬୦୨)ରେ ଯୋଗାଯୋଗ କରିବାରୁ ସେ କହିଥିଲେ, ଉପରିସ୍ଥ ଅଧିକାରୀଙ୍କଠାରୁ କାର୍ଯ୍ୟାନୁଷ୍ଠାନ ପାଇଁ ଯେଭଳି ନିର୍ଦ୍ଦେଶ ଆସିବ, ସେ ନେଇ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାତ୍ର ଏପର୍ଯ୍ୟନ୍ତ ସେଭଳି କିଛି ନିର୍ଦ୍ଦେଶ ଆସି ନ ଥିବା ସେ କହିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ, ଏପର୍ଯ୍ୟନ୍ତ ଖରିଫ୍‌ରେ ଅମଳ ହୋଇଥିବା ବହୁ ପରିମାଣର ଧାନ ଜିଲାର ବିଭିନ୍ନ ମଣ୍ଡିରେ ପଡ଼ି ରହିଛି। କିନ୍ତୁ ଗତବର୍ଷ ଡିସେମ୍ବର ମାସ ୨୭ତାରିଖ ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ବଡ଼ବାଉଁଶେନ ଅନ୍ତର୍ଗତ ତଥା ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧୀନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୭୧୨)ରେ ୫ମିନିଟ୍ ବ୍ୟବଧାନରେ ଗୋଟିଏ ଗାଡ଼ି(ନଂ-ଓଡ଼ି୧୭କେ ୪୪୯୭)ରେ ୨ଟି ରାଇସ୍ ମିଲକୁ ଯଥାକ୍ରମେ ୧୮୫ ପ୍ୟାକେଟ୍(୮୩.୭୨ କୁଇଣ୍ଟାଲ) ଏବଂ ୧୬୦ପ୍ୟାକେଟ୍(୬୫.୩୧ କୁଇଣ୍ଟାଲ) ଧାନ ଯାଇଥିବା ବିଭାଗୀୟ କାଗଜାତ୍ ତଥା ଟ୍ରାନଜିଟ୍ ପାସ୍ କମ୍ ଏକସେପଟେନ୍ସ ନୋଟ୍ କପିରେ ଉଲ୍ଲେଖ ରହିଛି। ୫ମିନିଟ୍ ବ୍ୟବଧାନରେ ଏତେ ପରିମାଣରେ ଧାନ ଗୋଟିଏ ମଣ୍ଡିରୁ ଧାନ ଲୋଡ୍ କରି ଅନ୍ୟ ୨ମଣ୍ଡିରେ ଅନଲୋଡ୍ କରିବା କୌଣସି ଯାନବାହନ ପକ୍ଷରେ ସମ୍ଭବ ହେଉ ନ ଥିବାରୁ ଫଲ୍ସଏଣ୍ଟ୍ରିରେ ଏଭଳି କୌଶଳ ଅବଲମ୍ବନ କରାଯାଉଥିବା ସ୍ପଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ବରଗଡ଼ ଜିଲା କୃଷକ ସଂଗଠନ ସମନ୍ୱୟ ସମିତିର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଧାନର ଫଲ୍ସ ଏଣ୍ଟ୍ରି ନେଇ ଆମେ ବାରମ୍ବାର ଅଭିଯୋଗ କରି ଆସିଛୁ। ମାତ୍ର କିଛି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ମାତ୍ର ଏବେ ଫଲ୍ସ ଏଣ୍ଟ୍ରିର ପ୍ରମାଣ ମିଳିଛି। ଯଦି ଏଥର କାର୍ଯ୍ୟାନୁଷ୍ଠାନ ନ ହେବ, ଏହାକୁ ନେଇ ଆଗାମୀ ଦିନରେ ଯେଉଁ ପରିସ୍ଥିତି ହେବ, ସେଥିପାଇଁ ପ୍ରଶାସନ ହିଁ ଦାୟୀ ରହିବ।

## କାର୍ଯ୍ୟାନୁଷ୍ଠାନ ହେବ: ଜିଲାପାଳ

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ବଡ଼ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଖରମୁଣ୍ଡା ମଣ୍ଡିରେ ଫଲ୍ସ ଏଣ୍ଟ୍ରି ଅଭିଯୋଗ ଘଟଣାକୁ ନେଇ ତଦନ୍ତ ସରିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିବା ଜିଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି। ଜିଲାପାଳ ଗୋୟଲ କହିଛନ୍ତି, ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି, ମଣ୍ଡିରୁ ଧାନ ଉଠାଣବେଳେ ଉପସ୍ଥିତ ବିଭାଗୀୟ କର୍ମଚାରୀ ଭୁଲ୍‌ରେ ପୂର୍ବରୁ ଧାନ ଉଠାଣ କରିଥିବା ଗାଡ଼ି ନମ୍ବର ପରବର୍ତ୍ତୀ ସମୟରେ ମଧ୍ୟ ଟ୍ରାନଜିଟ୍ ପାସ୍‌ରେ ଉଲ୍ଲେଖ କରିଛନ୍ତି। ତେବେ ଏଭଳି ଭୁଲ୍ ମଧ୍ୟ ଗ୍ରହଣୀୟ ନୁହେଁ। ଏଭଳି ତ୍ରୁଟି କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଭବିଷ୍ୟତରେ ଆଉ ଯେଭଳି ତ୍ରୁଟି ନ ହେବ, ସେଥିପାଇଁ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କୁ ତାଗିଦ୍ କରାଯାଇଛି।

# ବାଣ ବିସ୍ଫୋରଣ, ଘର ମାଲିକ ଅଟକ

ବୌଦ୍ଧ,୨୧।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଜିଆକଟା ଗ୍ରାମରେ ଥିବା ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟଣାକୁ ୫ ମାସ ନ ପୂରୁଣୁ ଶନିବାର ପୁରୁଣାକଟକ ବଜାର ବ୍ୟାଙ୍କ କଲୋନୀ ସାହିରେ ପୁଣି ବାଣ ବିସ୍ଫୋରଣ ହୋଇଛି। ଏଥିଯୋଗୁ ସମ୍ପୂର୍ଣ୍ଣ ଅଞ୍ଚଳ ଧୂଆଁମୟ ହୋଇଥିବାବେଳେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଛାନ୍‌ଭିନ୍ କରିବା ସହ ଘର ମାଲିକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡିଛି। ଏ ସମ୍ପର୍କରେ ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂଙ୍କ ସହ ଫୋନ୍‌ରେ ଯୋଗାଯୋଗ ସମ୍ଭବ ନ ହେବାରୁ ତାଙ୍କ ମତାମତ ମିଳିପାରିନାହିଁ। ସୂଚନା ମୁତାବକ, ଶନିବାର ଅପରାହ୍ନ ପ୍ରାୟ ୪ଟାରେ ପୁରୁଣାକଟକ ବଜାର କଲୋନୀ ସାହିର ଆଲୋକ ଦତ୍ତ କାଣ୍ଟିଙ୍କ ଘର ଛାତ ଉପରେ ବିସ୍ଫୋରଣ ହେବା ସହ ଧୂଆଁ ବାହାରିଥିଲା। ବାଣ ଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇପଡିଥିଲେ। ଖବର ପାଇ ହରଭଙ୍ଗା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଲ୍ଲେଖନୀୟ, ଗତ ତା୨୧।୯।୨୦୨୫ରିଖରେ ଜିଆକଟା ଗ୍ରାମରେ ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୨ଜଣ ଗୁରୁତର ହୋଇଥିବାବେଳେ ବହୁ ଘରଦ୍ୱାର ଭାଙ୍ଗିଥିଲା। ଏହି ଘଟଣାରେ ଆଲୋକ ଦତ୍ତ କାଣ୍ଟି ମୁଖ୍ୟ ଅଭିଯୁକ୍ତ ଥିଲେ। ସେତେବେଳେ ତାଙ୍କ ଘରୁ ବହୁ ପରିମାଣର ବାଣ ମଧ୍ୟ ଜବତ ହୋଇଥିଲା। ପୁଣି ଶନିବାର ପୁରୁଣାକଟକ ବଜାରରେ ଥିବା ତାଙ୍କ ଘରେ ବାଣ ବିସ୍ଫୋରଣ ହୋଇଛି। ଚାରିଛକ ଥାନାଠାରୁ ମାତ୍ର ୫ କିମି ଦୂରରେ ପୁରୁଣାକଟକ ବଜାର ରହିଛି। ଏଠାରେ ବେଆଇନ ବାଣ ତିଆରି ଚାଲିଥିବାବେଳେ ପୋଲିସ କିପରି ଜାଣିପାରୁନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ବିସ୍ଫୋରଣ ପରେ ଘରୁ ଧୂଆଁ ବାହାରୁଛି।

# ପ୍ରଶାସନକୁ ହସ୍ତାନ୍ତର କଲେ ବାଲୁଙ୍କୀ ଦାଶ ସ୍ମୃତି ପାଠାଗାର ଜମି

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକସଂଘ ଅଧୀନରେ ଥିବା ସ୍ଥାନୀୟ ସରକାରୀ ଡାକ୍ତରଖାନା ସମ୍ମୁଖସ୍ଥ ବାଲୁଙ୍କୀ ଦାଶ ସ୍ମୃତି ପାଠାଗାର ଜମିକୁ ଗତ ବୁଧବାର ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଉକ୍ତ ସ୍ଥାନରେ ଏକ ପାଠାଗାର କିମ୍ବା ସର୍ବସାଧାରଣଙ୍କ ସୁବିଧାରେ ଲାଗୁଥିବା ଅନୁଷ୍ଠାନ ତିଆରି କରି ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ବରଗଡ଼ ପୌର ପରିଷଦକୁ ଦିଆଯିବା ଏବଂ ନୂତନ ଭବନକୁ ବାଲୁଙ୍କୀ ଦାଶଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ନାମରେ ନାମିତ କରାଯିବା ପାଇଁ ନିବେଦନ କରାଯାଇଛି। ଅଗ୍ରଗାମୀ ଯୁବକସଂଘର ସଭାପତି ତଥା ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି, ୧୯୪୬ରେ ତତ୍କାଳୀନ ବରଗଡ଼ର ଭଦ୍ରବ୍ୟକ୍ତିମାନେ ସହରରେ ଏକ ପାଠାଗାରର ଆବଶ୍ୟକତା ଅନୁଭବ କରି ମାଫିଦାର ଏବଂ ଗୌନ୍ତିଆମାନଙ୍କୁ ଜଣାଇବାରୁ ସେମାନେ ସ୍ଥାନୀୟ ସରକାରୀ ଡାକ୍ତରଖାନା ସମ୍ମୁଖସ୍ଥ ଉକ୍ତ ୮ ଡିସିମିଲ ଜମି ଦାନ କରିଥିଲେ ଏବଂ ସେଠାରେ ବାଲୁଙ୍କୀ ଦାଶ ସ୍ମୃତି ପାଠାଗାର ନିର୍ମିତ ହୋଇଥିଲା। ଏହା ପାର୍ଶ୍ୱସ୍ଥ ଜମିକୁ ଭଡ଼ା ଦିଆଯାଇ ସେଥିରେ ପାଠାଗାର ରକ୍ଷଣାବେକ୍ଷଣ ହେଉଥିଲା। ପରବର୍ତ୍ତୀ ସମୟରେ ସହରର ଯୁବକମାନେ ଅଗ୍ରଗାମୀ ଯୁବକସଂଘ ଗଠନ କରି ସେହି ଭବନରେ ଏକତ୍ରିତ ହେଉଥିଲେ। ୧୯୭୫ରେ ଅଗ୍ରଗାମୀ ଯୁବକସଂଘର ନିଜସ୍ୱ ଭବନ ସ୍ଥାପନ ହେବା ପରେ ସେଠାରେ ଯୁବକସଂଘ ତରଫରୁ ବାଲୁଙ୍କୀ ଦାଶ ସ୍ମୃତି ପାଠାଗାରକୁ ନିୟମିତ ପରିଚାଳନା କରାଯାଉଥିଲା। କାଳକ୍ରମେ ଉକ୍ତ ଭବନଟି ମରାମତି ଅଭାବରୁ ବିପଦସଙ୍କୁଳ ଅବସ୍ଥାକୁ ଆସିଯିବାରୁ ୨୦୧୦ରୁ ସେଠାରେ ଆଉ ପାଠାଗାର ଚାଲୁ ନ ଥିଲା। ଉକ୍ତ ଭବନର ପୁନରୁଦ୍ଧାର କିମ୍ବା ପୁନଃ ନିର୍ମାଣ ପାଇଁ ଯୁବକ ସଂଘର ଆର୍ଥିକ ସମ୍ବଳ ନ ଥିଲା। ସହରର ବିଭିନ୍ନ ଅନୁଷ୍ଠାନ, ଭଦ୍ରବ୍ୟକ୍ତି, ତଥା ଗୌନ୍ତିଆ ଏବଂ ମାଫିଦାରମାନଙ୍କ ବଂଶଧରଙ୍କ ସହ ପରାମର୍ଶ ପରେ ଉକ୍ତ ସ୍ଥାନଟିକୁ ଜନକଲ୍ୟାଣ ପାଇଁ ଜିଲା ପ୍ରଶାସନକୁ ହସ୍ତାନ୍ତର କରିବାକୁ ସର୍ବସମ୍ମତକ୍ରମେ ନିଷ୍ପତ୍ତି ନିଆଯାଇଥିଲା।

# ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ: ସଂଘ

**କେନ୍ଦୁପତ୍ର କର୍ମଚାରୀଙ୍କ ଧାରଣା**

ଘଣ୍ଟାପଡ଼ା, ୨୧।୨(ପ୍ରଭାତ କୁମାର ସାହୁ)

୧୭ ଦଫା ଦାବି ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଡାକରାରେ ରାଜ୍ୟର ପ୍ରତ୍ୟେକ ରେଞ୍ଜ ଅଫିସ୍ ସମ୍ମୁଖରେ ୨୦ ଓ ୨୧ ତାରିଖ ଦୁଇଦିନ ଧରି କର୍ମଚାରୀମାନେ ଗଣଧାରଣାରେ ବସିଥିଲେ। ଏହି କ୍ରମରେ ଶନିବାର ଦ୍ୱିତୀୟ ଦିନରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣା ଦେଇଥିଲେ। ଯଦି ସରକାର କୌଣସି ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ୨୭ ତାରିଖରେ କଣ୍ଟାମାଳ, ମନମୁଣ୍ଡା, ଘଣ୍ଟାପଡ଼ା ରେଞ୍ଜର କର୍ମଚାରୀମାନେ ମନମୁଣ୍ଡାଠାରେ ୫୭ ନଂ. ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ରେଞ୍ଜ୍ କର୍ମଚାରୀ ସଂଘ ସଦସ୍ୟ ଗିରିଧାରୀ ରଣାଚେତାବନୀ ଦେଇଛନ୍ତି। ଏହି ଗଣଧାରଣାରେ ଘଣ୍ଟାପଡ଼ା ସଂଘର ଉପଦେଷ୍ଟା ଋଷଭ ମାଝୀ, ସମ୍ପାଦକ ରୋହିତ ରଣା, ଶରତ ରଣା, ଇନ୍ଦ୍ରମଣି ବାରିକ, ତପେଶ୍ୱର ରଣା, ବଶିଷ୍ଠ ରଣା, ଅନନ୍ତରାମ ମାଝୀ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।



କେନ୍ଦୁପତ୍ର କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# ବଡି ବିଲ୍ଡିଂ ପ୍ରତିଯୋଗିତା: ପଞ୍ଚାନନ ନାୟକ ହେଲେ ମିଷ୍ଟର ବରଗଡ଼




ବଡି ବିଲ୍ଡିଂ ପ୍ରତିଯୋଗତା।

ବରପାଲି, ୨୧।୨(ଚିତ୍ତରଞ୍ଜନ ସାହୁ)

ବରପାଲିର ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ବଡି ବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ଏହି ପ୍ରତିଯୋଗୀତାରେ ବରଗଡ଼ର ପଞ୍ଚାନନ ନାୟକ ମିଷ୍ଟର ବରଗଡ଼ ହୋଇଥିବା ବେଳେ ୭୦ କେଜି ବର୍ଗରେ ବରପାଲିର ଅମନ ଅଗ୍ରୱାଲ ଚାମ୍ପିୟନ ହୋଇଥିଲେ। ଏହି ପ୍ରତିଯୋଗୀତାରେ କିଶୋର ମିଶ୍ର, ଡୋଲମନି ମେହେର, ଲକ୍ଷ୍ମୀ ନାରାୟଣ ମିଶ୍ର ବିଚାରକ ଭାବରେ ଯୋଗ ଦେଇଥିବା ବେଳେ ବୟନିକାର ନିର୍ଦ୍ଦେଶକ ସଞ୍ଜୟ ମେହେର ଓ ପ୍ରାଧ୍ୟାପକ ରାଜେଶ କୁମାର ରାୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଜୁନିୟର ବଡି ବିଲ୍ଡିଂରେ ରୌପ୍ୟ ପଦକ ବିଜୟିନୀ ବରଗଡ଼ର ଅନିତା ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପ୍ରତିଯୋଗୀତାରେ ବିଭିନ୍ନ ବର୍ଗରୁ ମୋଟ ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀତାକୁ କୈଳାସ ମେହେର, ସୁରଜ ବିଶି, ମନ ମେହେର, ବିକାଶ ମେହେର ପ୍ରମୁଖ ଆୟୋଜନ କରିଥିଲେ।

# ଇଂଲିଶ ପରୀକ୍ଷା: ପାଇକମାଳରେ ୨୧ ଛାତ୍ରୀଛାତ୍ର ଅନୁପସ୍ଥିତ

ପାଇକମାଳ,୨୧।୨(ବଡ଼ ଶତପଥୀ): ସମଗ୍ର ରାଜ୍ୟରେ ୨୦୨୫-୨୬ ବର୍ଷ ପାଇଁ ମାଟ୍ରିକ ପରୀକ୍ଷା ଗୁରୁବାର ଆରମ୍ଭ ହୋଇଛି। ପାଇକମାଳ ବ୍ଲକରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୧୬୨୧ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି । ଶନିବାର ଇଂଲିଶ ବିଷୟରେ ପରୀକ୍ଷାରେ ବ୍ଲକରେ ମୋଟ ୧୬୨୧ ଜଣ ଛାତ୍ରୀଛାତ୍ର ମଧ୍ୟରେ ୧୬୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୧ ଜଣ ଅନୁପସ୍ଥିତି ଥିଲେ। ମାଟ୍ରିକରେ ଇଂଲିଶ ବିଷୟରେ ୯୮.୭୯ % ଛାତ୍ରୀଛାତ୍ର ଉପସ୍ଥାପନ ଥିବା ବେଳେ ମଧ୍ୟମାରେ ୧୦୦ % ପ୍ରତିଶତ ଛାତ୍ରୀଛାତ୍ରଙ୍କ ଉପସ୍ଥାପନା ରହିଥିଲା। ଏନେଇ ଶନିବାର ସ୍ୱତନ୍ତ୍ର ସ୍କ୍ୱାଡ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପରିଦର୍ଶନ କରି ସ୍ଥିତି ନିରୀକ୍ଷଣ କରିଥିଲେ । ପ୍ରତ୍ୟେକ ଶିକ୍ଷା କେନ୍ଦ୍ର ଶାନ୍ତି ଶୃଙ୍ଖଳାରେ ପରୀକ୍ଷାରେ ଚାଲୁଛି। ଏନେଇ ପାଇକମାଳ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ପଦ୍ମପୁର,୨୧।୨(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁର ବିଦ୍ୟାମନ୍ଦିର ବିଭାଗରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଦ୍ୟାମନ୍ଦିର ପ୍ରମୁଖ ଦେବରାଜ ଉନସନା ଦୀପ ପ୍ରଜ୍ୱଳନପୂର୍ବକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ମାତୃଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ରଜତ ଶପଥ ପାଠ କରିଥିଲେ। ମିନତୀ ସଂଯୋଜନା କରିଥିବା ବେଳେ କଳ୍ପନା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶିଶୁ ମନ୍ଦିର ବିଭାଗରେ ରଞ୍ଜିତା ଗୁରୁମା ସଂଯୋଜନା କରିଥିବା ବେଳେ ଲୋପାମୁଦ୍ରା ଉଦ୍ଦେଶ୍ୟ କଥନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ବରଗଡ଼କୁ ହରାଇ ଫାଇନାଲରେ ଲରମ୍ଭା

**କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ**

ସୋହେଲା,୨୧।୨(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ମିନି ଷ୍ଟାଡିୟମଠାରେ ଚାଲିଥିବା ସୋହେଲା କପ କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ଦିନ ବରଗଡ଼ର ବ୍ଲୁ ଡାଇମଣ୍ଡ ଦଳକୁ ପାଞ୍ଚ ଉଇକେଟରେ ହରାଇ ଲରମ୍ଭା ଫାଇନାଲରେ ପ୍ରବେଶ କରିଛି। ଶନିବାର ବରଗଡ଼ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୯୯ ରନ କରିଥିଲା। ଏହି ଟାର୍ଗେଟକୁ ପିଛାକରି ଲରମ୍ଭା ଦଳ ପାଞ୍ଚ ଉଇକେଟ ହରାଇ ୨୦୦ ରନ କରି ମ୍ୟାଚକୁ ଜିତି ରବିବାର ବଲାଙ୍ଗୀର ସହ ଫାଇନାଲ ଖେଳିବେ। ଲରମ୍ଭା ଦଳର ସୌରଭ ନାୟକ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ ଆରମ୍ଭରେ ବ୍ୟବସାୟୀ ଜଗନ୍ନାଥ ମହାମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ଆଥ୍‌ଲେଟିକ ଆସୋସିଏଶନ ସଭାପତି ସତ୍ୟନାରାୟଣ ଦେବତା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ଅମ୍ପାୟାର ପ୍ରଦୀପ ଦାଶ, ଅନ୍ତର୍ଯ୍ୟାମୀ ପଧାନ ପରିଚାଳନା କରିଥିଲେ। ଅନିମେଶ ଦେବତା ସ୍କୋରର ଥିଲେ। ରିଙ୍କୁ ଭୋଇ, ଚନ୍ଦ୍ରମଣି ଭଞ୍ଜ ଧାରାବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସାମାଜିକ ନ୍ୟାୟ୍ ପାଇଁ ସଭିଙ୍କ ସହଯୋଗ ଲୋଡ଼ା

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)




ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ବିଶ୍ୱ ସାମାଜିକ ନ୍ୟାୟ୍ ଦିବସ**

ବରଗଡ଼ ଯଦୁମଣି ଅଡ଼ିଟୋରିୟମଠାରେ ଶୁକ୍ରବାର ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି, ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ମଣିଷ-ମଣିଷ ଭିତରେ ଏପରି କି ଦେଶ-ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ତେଣୁ ସାମାଜିକ ନ୍ୟାୟ ପାଇବାକୁ ହେଲେ ସମସ୍ତଙ୍କ ସହଯୋଗରେ ଅସମାନତା ଦୂର କରିବା ନିହାତି ଜରୁରୀ। ସେହିପରି ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ମଣିଷ-ମଣିଷଙ୍କ ଭିତରେ ଥିବା ଅସମାନତା ସାମାଜିକ ଏକତାକୁ ଦୁର୍ବଳ କରିବାରେ ଲାଗିଛି। ଏହା ସେମାନଙ୍କୁ ସେମାନଙ୍କ ଅଧିକାର ପାଇବାରେ ବାଧା ସୃଷ୍ଟି କରୁଛି ଓ ଅର୍ଥନୀତି ଉପରେ ମଧ୍ୟ ବୋଝ ପାଲଟୁଛି। ଏଣୁ ସମସ୍ତେ ସଚେତନ ହେବା ସହ ଅସମାନତା ଦୂର କରିବା ପାଇଁ ପ୍ରଶାସନକୁ ସହଯୋଗ କଲେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରି ପାରିବା। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାଇବର ବିଶେଷଜ୍ଞ ଭାବେ ଡିଏସ୍‌ପି ଗୋବିନ୍ଦ ମାଝୀ ଡିଜିଟାଲ ଲିଟ୍ରେସି ତଥା ବିଭିନ୍ନ ସାଇବର ଠକେଇ ଓ ଡିଜିଟାଲ ଆରେଷ୍ଟ ବିଷୟରେ ସମସ୍ତଙ୍କୁ ସଚେତନ କରିଥିବା ବେଳେ ଲିଡ ବ୍ୟାଙ୍କ ମ୍ୟାନେଜର ବୈଦ୍ୟନାଥ ତିର୍କୀ ଆର୍ଥିକ ସାକ୍ଷରତା, ନିବେଶ, ଆୟକର ପ୍ରଦାନ, ସ୍ୱାସ୍ଥ୍ୟ ବୀମା, ବ୍ୟାଙ୍କ ଏବଂ ପୋଷ୍ଟ ଅଫିସରେ ଉପଲବ୍ଧ ଥିବା ଅବସର ପେନସନ ସୁବିଧା ଆଦି ବିଭିନ୍ନ ବିଷୟ ଉପରେ ସଚେତନ କରିଥିଲେ। ଏହି ଅବସରରେ ଯଦୁମଣି ଅଡିଟୋରିୟମ ପ୍ରାଙ୍ଗଣରେ ଆୟୋଜିତ ଯୋଗ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ସହରର ବରିଷ୍ଠ ନାଗରିକ ତଥା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଡିଭାଇଡରରେ ପିଟିହେଲା ସ୍କୁଟି, ଚାଳକ ମୃତ

ରାଉରକେଲା,୨୧।୨(ଦିନେଶ ମିଶ୍ର): ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଶୁକ୍ରବାର ରାତି ସାଢେ ୧୦ଟାରେ ଭାରସାମ୍ୟ ହରାଇ ରୋଡ୍ ଡିଭାଇଡରରେ ପିଟି ହେବାରୁ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରୋଶନ ଯାଦବ(୨୧)। ଏ ନେଇ ପୋଲିସ ଏକ ମାମଲା (ନଂ.୨୪/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିବାନୁଯାୟୀ, ଶୁକ୍ରବାର ଗୋପବନ୍ଧୁପାଲୀ ମଛିପଡାର ରୋଶନ ନିଜ ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ ହଠାତ୍ ସମ୍ମୁଖରେ ଏକ ବାଇକ୍ ଆସିଯିବାରୁ ସେ ଭାରସାମ୍ୟ ହରାଇ ରୋଡ୍ ଡିଭାଇଡରରେ ପିଟି ହୋଇଥିଲେ। ପୋଲିସ ନାଇଟ୍ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରୋଶନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନକଲି ମଦ ତିଆରି ବେଳେ ୩ ଗିରଫ

## ଲାଇସେନ୍ସଧାରୀ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ

ରାଉରକେଲା,୨୧।୨(ସଙ୍ଗୀତା ଜେନା)


ଗିରଫ ଅଭିଯୁକ୍ତ ଏବଂ ଜବତ ନକଲି ମଦ।

ରାଉରକେଲା ପୋଲିସ ଜିଲା ଅଧୀନ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଥିବା ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ଶୁକ୍ରବାର ନକଲି ମଦ ତିଆରି ବେଳେ ଅବକାରୀ ବିଭାଗ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାୟପୁର ତଥା ବର୍ତ୍ତମାନ ଗାନ୍ଧୀରୋଡ୍‌ରେ ରହୁଥିବା ସନ୍ଦୀପ ଗୁପ୍ତା(୪୪), ବିଳାଶପୁରର ନିବାସୀ ତଥା ସମ୍ପ୍ରତି ଗୁରୁଦ୍ୱାରା ରୋଡ୍‌ରେ ରହୁଥିବା ଶିବସିଂହ ଗୋନ୍ଦ(୩୪) ଏବଂ ବିହାର ଔରାଙ୍ଗବାଦ ତଥା ରାଉରକେଲା ଗୁରୁଦ୍ୱାରା ରୋଡରେ ରହୁଥିବା ଜୟପ୍ରକାଶ ଗୁପ୍ତା(୪୫)। ସେମାନଙ୍କଠାରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ଇଏଲ୍, କର୍କ ଓ ୩୯ ଲିଟର ନକଲି ମଦ ଜବତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଶନିବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଏକ ମାମଲା (ନଂ.୨୩୨/୨୬) ରୁଜୁ ହୋଇଛି। ସେହିପରି ଠିପି ବନ୍ଦ ଦୋକାନ ଲାଇସେନ୍ସଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଚଢାଉବେଳେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଝସକେତନ ବରିହାଙ୍କ ନେତୃତ୍ୱରେ ଅବକାରୀ ଅଧିକାରୀ ମୋହନ ପ୍ରଧାନ ଓ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ। ଏ ନେଇ ଶନିବାର ଅପରାହ୍ନ ୨ଟାରେ ଓରାମପଡ଼ାସ୍ଥିତ ଅବକାରୀ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବରିହା କହିଥିଲେ, ରାଜ୍ୟରେ ବିଦେଶୀ ଓ ଦେଶୀ ମଦ ଦୋକାନ ଗୁଡ଼ିକରେ ଯାଞ୍ଚ କରାଯାଉଛି। ଏହି କ୍ରମରେ ଶୁକ୍ରବାର ବିଭାଗ ପକ୍ଷରୁ ରାଉରକେଲାରେ ଯାଞ୍ଚ କରାଯାଉଥିଲା। ବିଶ୍ରା ଛକ ସ୍ଥିତ ଟ୍ରାଫିକ୍ ଗେଟ୍‌ର ଠିପି ବନ୍ଦ ବିଦେଶୀ ଦୋକାନରେ ଯାଞ୍ଚ ସମୟରେ ୩ ଜଣ ଯୁବକ ଖୋଲା ବୋତଲ ଧରି ମଦ ତିଆରି କରୁଥିଲେ। ତାଙ୍କ ନିକଟରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ବୋତଲ, କର୍କ, ଇଏଲ୍ ଜବତ ହେବା ସହ ସେମାନଙ୍କୁ ଗିରଫ କରାଯାଇଥିଲା। ଅନୁସନ୍ଧାନ କରାଯିବାରୁ ଉକ୍ତ କର୍କକୁ ସମ୍ବଲପୁରର ଜଣେ ବ୍ୟକ୍ତି ରାଉରକେଲାକୁ ବସ୍ ଯୋଗେ ଯୋଗାଉଥିଲେ। ଏଠାରେ ଅଧିକ ଚାହିଦା ଥିବାରୁ ସମୟ ସମୟରେ ସେମାନେ ଏହାକୁ ଯୋଗାଣ କରୁଥିଲେ। ସମ୍ବଲପୁର ଅବକାରୀ ବିଭାଗ ସହଯୋଗରେ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ବଲାଙ୍ଗୀରରେ ରହୁଥିବା ଦୋକାନର ଲାଇସେନ୍ସଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତାଙ୍କର ବଣେଇରେ ମଧ୍ୟ ଏକ ଠିପିବନ୍ଦ ମଦ ଦୋକାନ ରହିଛି। ସେଠାରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଲାଇସେନ୍ସଧାରୀ ସନ୍ତୋଷଜନକ ଉତ୍ତର ନ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିହା କହିଥିଲେ।

# ଓଡ଼ିଶା ମହିଳା କ୍ରିକେଟ୍ ଦଳରେ ରାଉରକେଲାର ୩ ଖେଳାଳି


ଦିବ୍ୟା ରାଉତରାୟ ଜ୍ୟୋତି କୁମାରୀ ପ୍ରସାଦ ଲେଖା ଲଏଲେକା

ରାଉରକେଲା,୨୧।୨(ଦିନେଶ ମିଶ୍ର)

ଓଡ଼ିଶା ମହିଳା କ୍ରିକେଟ୍ ଦଳ ପାଇଁ ରାଉରକେଲାର ୩ ଖେଳାଳି ମନୋନିତ ହୋଇଛନ୍ତି। ସେମାନେ ହେଲେ ଦିବ୍ୟା ରାଉତରାୟ, ଜ୍ୟୋତିକୁମାରୀପ୍ରସାଦ ଏବଂ ଲେଖା ଲଏଲେକା। ଦିବ୍ୟା ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳର। ସେ ୫ ବର୍ଷରୁ ପାନପୋଷସ୍ଥିତ ପ୍ରଗତି ସ୍ପୋର୍ଟିଂରେ କ୍ରିକେଟ୍ ଖେଳ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ବାସନ୍ତୀ କଲୋନୀସ୍ଥିତ ୟୁଥ୍ କ୍ରିକେଟ୍ ଏକାଡେମୀରେ ପୂର୍ବତନ ରଣଜି ଉଇକେଟ୍ କିପର ଅଂଶୁମାନ ଗୋପଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଦିବ୍ୟା ବାମହାତୀ ବ୍ୟାଟ୍ସମ୍ୟାନ ଏବଂ ଉଇକେଟ୍ କିପର ଭାବେ ଓଡ଼ିଶା ମହିଳା ଦଳରେ ଦାୟିତ୍ୱ ତୁଲାଇବେ। ଓଡ଼ିଶା ଅଣ୍ଡର-୨୩ ମହିଳା ଦଳରେ ଦିବ୍ୟା ସ୍ଥାନ ପାଇଥିବାବେଳେ ଏହି ଦଳ ଆସନ୍ତା ମାର୍ଚ୍ଚ ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ପୁଣେରେ ବିଭିନ୍ନ ରାଜ୍ୟ ସହ ଅଣ୍ଡର-୨୩ ଥ୍ରୀ ଏକଦିବସୀୟ ମ୍ୟାଚ୍ ଖେଳିବ। ସେହିପରି ରାଉରକେଲାର ଜ୍ୟୋତି କୁମାରୀ ପ୍ରସାଦ ଓ ଲେଖା ଲଏଲେକା ମଧ୍ୟ ଏହି ଦଳରେ ସ୍ଥାନ ପାଇଛନ୍ତି। ଜ୍ୟୋତି ଓ ଲେଖା ସେକ୍ଟର-୬ ସ୍ଥିତ ରାଉରକେଲା ସ୍ପୋର୍ଟ ଆସୋସିଏଶନ (ଆର୍‌ଏସ୍‌ଏ) କ୍ରିକେଟ କ୍ଲବରେ ଅଭ୍ୟାସ କରନ୍ତି। ଆର୍‌ଏସ୍‌ଏ କ୍ଲବର କୋଚ୍ ପୂର୍ବତନ ରଣଜି ଅଧିନାୟକ ନଟରାଜ ବେହେରାଙ୍କଠାରୁ ଉଭୟ ଖେଳାଳି ତାଲିମ୍ ନେଇଛନ୍ତି।

# ଯୁବ ସାଂସଦ ବକ୍ତୃତା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ରାଉରକେଲା, ୨୧।୨( ବିପ୍ଳବ ରଞ୍ଜନ ଦାଶ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜାତୀୟ ସେବା ଯୋଜନା ଏବଂ ବିକଶିତ ଭାରତ ଯୁବ ସାଂସଦ ଅଭିଯାନ ପକ୍ଷରୁ ଆସନ୍ତା ୨୫ତାରିଖରେ ରାଉରକେଲା ଉଦିତନଗର ସ୍ଥିତ ମ୍ୟୁନିସିପାଲ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ସାଂସଦ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହେବ। ଏଥିପାଇଁ ଶନିବାର ଏକ ପ୍ରସ୍ତୁତ ବୈଠକ କଲେଜ ସଭାଗୃହରେ ହୋଇଯାଇଛି। ବୈଠକରେ କଲେଜ ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ଅଧ୍ୟକ୍ଷତା କରିଥିଲେ। ଜାତୀୟ ସେବା ଯୋଜନାର ଜିଲା ନୋଡାଲ ଅଧିକାରୀ ଡକ୍ଟର ଦିବ୍ୟକାନ୍ତି ବିଲୁଙ୍ଗ ସୂଚନା ପ୍ରଦାନ କରି କହିଥିଲେ ଯେ, ଜିଲାସ୍ତରୀୟ ଯୁବ ସାଂସଦ ବକ୍ତୃତା ପ୍ରତିଯୋଗିତା ପାଇଁ ରାଉରକେଲା ମ୍ୟୁନିସିପାଲ କଲେଜକୁ ନୋଡାଲ କେନ୍ଦ୍ର କରାଯାଇଛି। ଆସନ୍ତା ୨୫ତାରିଖରେ କଲେଜ ସଭାଗୃହରେ ପ୍ରତିଯୋଗିତା ହେବ ॥ ଏଥିରେ ଜିଲାର ସମସ୍ତ କଲେଜର ୧୮ରୁ ୨୫ବର୍ଷ ବୟସର ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବର୍ତ୍ତମାନ ସୁଦ୍ଧା ୧୮୦ଜଣ ପିଲା ନିଜ ନାଁ ପଞ୍ଜୀକରଣ କରାଇ ସାରିଛନ୍ତି। ଏଥିରେ ୫ଜଣ ବରିଷ୍ଠ ବିଚାରକ ଯୋଗ ଦେଇ ୫ଜଣଙ୍କୁ ମନୋନୀତ କରିବେ ଏବଂ ମନୋନୀତ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ଚୟନ ହେବେ ବୋଲି ସେ କହିଥିଲେ। ଏହି ପ୍ରତିଯୋଗିତା ସମ୍ପୂର୍ଣ୍ଣ ଭାବେ ଯୁବ ଛାତ୍ରୀଛାତ୍ରମାନଙ୍କୁ ଦେଶ ନିର୍ମାଣ ବିଷୟରେ ବିଶେଷ ଅଭିଜ୍ଞତା ପ୍ରଦାନ କରିବା ସହ କିଭଳି ଦେଶର ବିଧି ବ୍ୟବସ୍ଥା ସଂସଦ ମାଧ୍ୟମରେ ପରିଚାଳିତ ସେ ବିଷୟରେ ଅଧିକ ବିଜ୍ଞ କରିବ ବୋଲି କଲେଜ ଅଧ୍ୟକ୍ଷ ଦାଶ କହିଥିଲେ। ପ୍ରସ୍ତୁତି ବେଠକରେ ଅଧ୍ୟାପକ ବିଜୟ କୁମାର ପାଢୀ, ଅର୍ପିତା ମହାପାତ୍ର, ରୋମା ସାହୁ, ଚନ୍ଦ୍ରଲେଖା ପଣ୍ଡା, ପ୍ରଭାତ ଅଗ୍ରୱାଲ, ଦୀପ୍ତିରଞ୍ଜନ ମହାନ୍ତି, ବୈଦେହୀ ମାଝି ଓ ହେମନ୍ତ କୁମାର ପୁହାଣ ସହଯୋଗ କରିଥିଲେ।



ପ୍ରତିଯୋଗିତା ପ୍ଲେ କାର୍ଡ ପ୍ରଦର୍ଶନ କରାଯାଉଛି।

# ସୁଶୀଳାବତୀ ମହିଳା କଲେଜରେ ଖାଦ୍ୟ ପ୍ରଦର୍ଶନୀ ମେଳା



ଛାତ୍ରୀମାନେ ଖାଦ୍ୟ ବ୍ୟଞ୍ଜନ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା, ୨୧।୨( ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ତୃତୀୟ ଖାଦ୍ୟ ପ୍ରଦର୍ଶନୀ ମେଳା-୨୦୨୬ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ କଲେଜ ଖାଦ୍ୟ ମହୋତ୍ସବର ଶୀର୍ଷକ ଥିଲା ଗୁଡ୍ ଫୁଡ୍ : ଗୁଡ୍ ମୁଡ୍ । ମେଳାରେ କଲେଜର ଛାତ୍ରୀମାନଙ୍କ ଦ୍ୱାରା ଭାରତର ଭିନ୍ନ ଭିନ୍ନ ସୁଷମ ଖାଦ୍ୟ ପସରା ଯଥା କାକରା ପିଠା, ମଣ୍ଡା ପିଠା, ପୋଡ଼ ପିଠା, ମାଣ୍ଡିଆ ମଣ୍ଡା ପିଠା, ଛେନା ପୋଡ, ମସଲା ଇଡ୍‌ଲି, ଚାଉଳ ବରା, ଫ୍ରୁଟ୍ ଫୁଡ୍ସ, ଦହି ବରା, ଟଙ୍କ ତୋରାଣୀ, ଲସି ଆଦି ଗ୍ରୀଷ୍ମକାଳୀନ ପରିବେଶ ଅନୁକୂଳ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷା ଇପ୍‌ସିବା ଏକ୍କା ଅଧ୍ୟକ୍ଷତା କରିଥିଲେ। ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଦୀକ୍ଷା ଦେ ଅତିଥି ଏବଂ ମୋନାଲିସା ଟପ୍ପୋ ବିଚାରକ ଭାବେ ଯୋଗଦେଇ କହିଲେ, ମଣିଷ ପାଇଁ ସୁଷମ ଓ ସ୍ୱାସ୍ଥ୍ୟ ହିତକାରୀ ଖାଦ୍ୟ ଆବଶ୍ୟକ। ଗ୍ରୀଷ୍ମ ଆସନ୍ନ ପ୍ରାୟ। ଏଣୁ ଏହି ଖାଦ୍ୟ ମେଳା ଭାରତୀୟ ଖାଦ୍ୟ ବ୍ୟଞ୍ଜନର ଆକୃଷ୍ଟତା ଏବଂ ଜନ ସଚେତନତା ପାଇଁ ଉଦ୍ଦିଷ୍ଟ ବୋଲି ସେମାନେ କହିଥିଲେ। କଲେଜର ପ୍ରକାଶ ସୋରେନ, ଅଭିଲିପ୍ସା ଦାସ ଓ ସବିତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୀପିକା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରାଉରକେଲା,୨୧।୨(ବିପ୍ଳବ ରଞ୍ଜନ ଦାଶ)

ସ୍ୱାଧୀନତା ସେନାନୀ, ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ, ସାହିତ୍ୟିକ ତଥା କବି ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଛେଣ୍ଡ ଅଞ୍ଚଳର ଚିନ୍ମୟ ବିଦ୍ୟାଳୟ (ଇଏମ୍) ସମୀପସ୍ଥ ଆଚାର୍ଯ୍ୟ ହରିହର ଛକରେ ଶନିବାର ଉନ୍ମୋଚିତ ହୋଇଛି। ଏହି ଅବସରରେ ରାଉରକେଲା ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ମୁଖ୍ୟ ଅତିଥି, ରୋଟାରି ଇଣ୍ଟରନ୍ୟାଶନାଲର ପୂର୍ବତନ ଡିଜି ମଞ୍ଜିତ ସିଂହ ଅରୋରା, ରୋଟାରି କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ଅଧ୍ୟକ୍ଷା ଡା. ପ୍ରଫେସର ମିନତୀ ପଣ୍ଡା, ଚିନ୍ମୟ ବିଦ୍ୟାଳୟ (ଇଏମ୍)ର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ, ଅଧିବକ୍ତା ସୁଜୟ ପାଣି ଓ ପୂର୍ବତନ ଆର୍‌ଏମ୍‌ସି ଅଧ୍ୟକ୍ଷା ରଶ୍ମିବାଳା ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ହରିହର ପ୍ରତିମୂର୍ତ୍ତି ସ୍ଥାପନ ସମିତି ଅଧ୍ୟକ୍ଷ ଇଂ. ଅଜିତ ମୋହନ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ହରିହର ଦାଶଙ୍କ ଅସାଧାରଣ ଜୀବନ ଦୃଷ୍ଟିକୋଣ, ସମାଜ ପ୍ରତି ତାଙ୍କର ନିଷ୍କାମ ସେବା ଓ ତ୍ୟାଗକୁ ଅତିଥିମାନେ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ବିଜୟ କୁମାର ବରାଳ, ସୁବାସ ମହାପାତ୍ର, ଗଦାଧର ରଥ, ଡା. ସଂଯୁକ୍ତା ପତି, ସବିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।


ଆର୍‌ଏମ୍‌ସି କମିଶନର ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

# ଭାଷା ବିନା କଳା, ସାହିତ୍ୟ, ସଂସ୍କୃତି ମୂଲ୍ୟହୀନ

## ବିଶ୍ୱ ମାତୃଭାଷା ଦିବସରେ ମତପ୍ରକାଶ

ରାଉରକେଲା,୨୧।୨(ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ରାଉରକେଲା ଆମ୍ବାଗାନସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଶନିବାର ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗଗନ ବିହାରୀ ଧଳ ମୁଖ୍ୟଅତିଥି, ଡ. ସୁମନ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ମାତୃଭାଷା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମାତୃଭାଷା ହେଉଛି ହୃଦୟର ଭାଷା। ଭାଷା ବିନା କଳା, ସାହିତ୍ୟ, ସଂସ୍କୃତି ମୂଲ୍ୟହୀନ। ପ୍ରତ୍ୟେକ ଜାତି ତାର ଭାଷା ଓ ସାହିତ୍ୟକୁ ନେଇ ଗର୍ବିତ। ମାତୃଭାଷା ମାଧ୍ୟମରେ ଜଣେ ବ୍ୟକ୍ତି ଅତି ସୁନ୍ଦର ଭାବେ ହୃଦୟର ଭାବକୁ ବ୍ୟକ୍ତ କରିପାରେ। ଭାଷାର ମର୍ଯ୍ୟାଦା, ବିବିଧତା ଓ ସାଂସ୍କୃତିକ ଏକତାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଫେବୃୟାରୀ ୨୧ ତାରିଖକୁ ସାରା ବିଶ୍ୱରେ ବିଶ୍ୱ ମାତୃଭାଷା ଦିବସ ପାଳନ କରାଯାଏ। ବ୍ୟକ୍ତି ଗଠନରେ ମାତୃଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିଛି ରୁଗ୍ଣ ମାନସିକତାର ମଣିଷ ପାଇଁ ଆମ ମାତୃଭାଷା ଆଜି ଅସମ୍ମାନିତ ଓ ଅସୁରକ୍ଷିତ ହୋଇରହିଛି ତେଣୁ ମାତୃଭାଷାକୁ ସଂରକ୍ଷିତ ରଖି ପରବର୍ତ୍ତୀ ପିଢ଼ି ପାଇଁ ଆମମାନଙ୍କ ସହିତ ସରକାରଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ସରକାର ଯଦି ଭାଷା ଆଇନ କାର୍ଯ୍ୟକାରୀ କରନ୍ତେ ତେବେ ଆମର ଆଶଙ୍କା ଦୂର ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳରାମ ରାଉଳ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଶ୍ରୀଧର ସୁନା, ଗଙ୍ଗାଧର ପୁହାଣ, ପ୍ରଫୁଲ୍ଲ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ୪୮୫୫ ପରୀକ୍ଷା ଦେଲେ, ୬୧ ଅନୁପସ୍ଥିତ

ରାଉରକେଲା,୨୧।୨(ସଙ୍ଗୀତା ଜେନା)

## ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନ

ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ) ଗୁରୁବାରଠାରୁ ଆରମ୍ଭ ହୋଇଥିବାବେଳେ ଶନିବାର ଦ୍ୱିତୀୟ ଦିନରେ ଇଂଲିଶ ପରୀକ୍ଷା ହୋଇଥିଲା। ସେକ୍ଟର-୨୦ ସରକାରୀ ସ୍କୁଲ, ସେକ୍ଟର-୧୮ସ୍ଥିତ ବିବେକାନନ୍ଦ ହାଇସ୍କୁଲ, ଭାଲୁଲତା ଏବଂ ପିଏମ୍‌ଶ୍ରୀ ଉଦିତନଗର ସ୍କୁଲ ନୋଡାଲ ସେଣ୍ଟର ଅଧୀନରେ ଥିବା ସେଣ୍ଟରରେ ମୋଟ ୪୯୧୬ରୁ ୪୮୫୫ ଜଣ ପରୀକ୍ଷା ଦେଇଥିଲେ। ୬୧ ଜଣ ଅନୁପସ୍ଥିତ ଥିଲେ। ସେହିପରି ଏସ୍‌ଆଇଓଏସ୍‌ରେ ମୋଟ ୧୬୮ରୁ ୧୩୨ ଜଣ ପରୀକ୍ଷା ଦେଇଥିବା ବେଳେ ୪୦ଜଣ ଅନୁପସ୍ଥିତ ଥିଲେ। ଅନୁରୂପ ଭାବେ ମଧ୍ୟମାରେ ୨୧ଜଣ ପରୀକ୍ଷା ଦେଇଥିଲେ। ସକାଳ ସାଢ଼େ ୭ଟାରୁ କେନ୍ଦ୍ରମାନଙ୍କରେ ଛାତ୍ରୀଛାତ୍ରଙ୍କୁ ତନଖି କରି ସେଣ୍ଟରକୁ ଛଡ଼ାଯାଇଥିଲା। ସାଢ଼େ ୮ଟାରେ ପରୀକ୍ଷାପ୍ରଶ୍ନ ପତ୍ର ବଣ୍ଟନ ଓ ୯ଟାରୁ ଲିଖନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ପରୀକ୍ଷା ଶେଷ ହୋଇଥିଲା। ଏହି ପରୀକ୍ଷାକୁ ନେଇ ସୁନ୍ଦରଗଡ଼ ଶିକ୍ଷା ବିଭାଗ ପକ୍ଷରୁ କଡାକଡ଼ି ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ୨୨ ତାରିଖରେ ତୃତୀୟ ଭାଷା ପରୀକ୍ଷା ଅନୁଷ୍ଠିତ ହେବ।

# ରବିବାର ଏନ୍‌ଆଇଟି ସେକ୍ସନରେ ବିଦ୍ୟୁତ୍ କାଟ୍

ରାଉରକେଲା, ୨୧।୨(ସଙ୍ଗୀତା ଜେନା): ଆସନ୍ତା ଖରା ମାସ ପାଇଁ ବିଦ୍ୟୁତ୍ ତାର ଓ ଯନ୍ତ୍ରପାତି ମରାମତି ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରବିବାର ବିଦ୍ୟୁତ୍ କାଟ୍ କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ବିଦ୍ୟୁତ୍ କାଟ କରାଯିବ ବୋଲି ଘୋଷଣା କରାଯାଇଛି। ଏ ନେଇ ଏନ୍‌ଆଇଟି, କୋଏଲନଗର, ଶକ୍ତିନଗର ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ସୂଚିତ କରାଯାଇଛି।

# ମହିଳା ସଶକ୍ତୀକରଣଭିତ୍ତିକ ପ୍ରତିଯୋଗିତା ଆରମ୍ଭ

ରାଉରକେଲା,୨୧।୨(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସର ଅଂଶସ୍ୱରୂପ ଆର୍‌ଏସ୍‌ପି ପକ୍ଷରୁ ବିବିଧ ଆକର୍ଷଣୀୟ ପ୍ରତିଯୋଗିତା ଆୟୋଜନ ହେଉଛି। ଏହି କ୍ରମରେ ଗତ ୧୮ ତାରିଖରେ 'ମହିଳା ସଶକ୍ତୀକରଣ' ବିଷୟବସ୍ତୁ ଉପରେ ଆର୍‌ଏସ୍‌ପି ସ୍ତରୀୟ ନାଟକ ପ୍ରତିଯୋଗିତା ହୋଇଛି। ଏହି ପ୍ରତିଯୋଗିତାରେ ୭ ଜଣଙ୍କୁ ନେଇ ଗଠିତ ଦଳ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସମାଜ ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରି ଆକର୍ଷଣୀୟ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବି ଇ, ଏଲ ଏଣ୍ଡ ଡି ବିଭାଗର ସିଜିଏମ୍ ପି. କେ. ସାହୁ ଏବଂ ଲୋକ ସମ୍ପର୍କ ବିଭାଗର ଜିଏମ୍ ଓ ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ବିଚାରକ ଥିଲେ। ବିଜେତା ଦଳ ମାର୍ଚ୍ଚ ୬ ତାରିଖରେ ସିଭିକ୍ ସେଣ୍ଟରଠାରେ ହେବାକୁ ଥିବା ସେଲ୍‌ସ୍ତରୀୟ ସ୍କିଟ୍ ପ୍ରତିଯୋଗିତାରେ ଆର୍‌ଏସ୍‌ପିର ପ୍ରତିନିଧିତ୍ୱ କରିବେ। ଏଚ୍‌ଆର ଏଲ ଆଣ୍ଡ ଡି ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମହିଳାଗଣ।

# ମାତୃଭାଷା ପ୍ରଚାର, ପ୍ରସାରରେ ଉଦ୍ୟମ ଲୋଡ଼ା

ରାଉରକେଲା,୨୧।୨(ଦିନେଶ ମିଶ୍ର)



ସଭାରେ ମଞ୍ଚାସୀନ ଅତିଥି।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ରାଉରକେଲା ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଭାଷା ସାହିତ୍ୟ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମାୟାଧର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ନିଜ ନିଜର ମାତୃଭାଷାକୁ ଭଲ ପାଇବା ସହ ଏହାର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ ମା' ଭଳି ମାତୃଭାଷାକୁ ଭଲ ପାଇବା ପାଇଁ ମତ ଦେଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଶୁଭନାଥ ସା ଓ ହିନ୍ଦୀ ବିଭାଗର ମୁଖ୍ୟ ନମିତା ସ୍ୱାଇଁ ଯୋଗଦେଇ ମାତୃଭାଷା ଦିବସ ପାଳନର ଗୁରୁତ୍ୱ ଓ ଆବଶ୍ୟକତା ବିଷୟରେ କହିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦି ନିଜ ଓଡିଆ ଭାଷା ବ୍ୟବହାର ପାଇଁ ଶପଥ ପାଠ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଗୌରାଙ୍ଗ ଚରଣ ମହାପାତ୍ର, ଡ. ମାନସ କୁମାର ବେହେରା, ମହେନ୍ଦ୍ର ମିଶ୍ର, ଛାତ୍ର ସୌମ୍ୟରଞ୍ଜନ ମହାନ୍ତି, ଶୁଭମ ବରୁଆ, ମାନସୀ ମାଇତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ରଞ୍ଜନୀ କିଷାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ଅଧ୍ୟାପକ ଡ. ମାନସ ମୁଖାର୍ଜୀ, ଅଧ୍ୟାପିକା ଶୁଚିସ୍ମିତା ମଡୁଆଳ, ପ୍ରିୟଙ୍କା କଂସାରୀଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଣ୍ଟାବାଞ୍ଜି,ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର ବିଭିନ୍ନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତି

**କଣ୍ଟାବାଞ୍ଜି,୨୧।୨(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ଥିବା ବିଭିନ୍ନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତି ହୋଇଥିବା ଜଣାପଡିଛି। ଓଡିଶା ସରକାରଙ୍କ ଆଇନ ବିଭାଗ ପତ୍ର ସଂଖ୍ୟା ୩୨୬୨/ଏଲ. ତା.୨୧।୨।୨୦୨୬ରେ ବଲାଙ୍ଗୀର ଜିଲାର ବିଭିନ୍ନ କୋର୍ଟରେ ସରକାରୀ ଓକିଲଙ୍କ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ମୁରିବାହାଲ ବ୍ଲକସ୍ଥିତ ଜେଏମ୍ଏଫସି କୋର୍ଟରେ ଶମ୍ଭୁ ପ୍ରସାଦ ଭୋଇ, ବିବେକାନନ୍ଦ ମେହେର ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ କୋର୍ଟରେ ରାଏଭାନୁ ପୁଟେଲ ଓ ହୃଷୀକେଶ ଭୋଇ ଏପିପି ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବଙ୍ଗୋମୁଣ୍ଡାସ୍ଥିତ ଜେଏମ୍ଏଫସି କୋର୍ଟରେ ଯୋଗେନ୍ଦ୍ର ବଛା, ଜୟନ୍ତ କୁମାର ଖମାରୀ ଓ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ କୋର୍ଟରେ ସନ୍ତୋଷ କୁମାର ପୁରୋହିତ ଓ ପ୍ରକାଶ ନାଗ ଏପିପି ଭାବେ ନିଯୁକ୍ତି ପାଇଛନ୍ତି ।

ସେହିପରି କଣ୍ଟାବାଞ୍ଜିର ଏ.ଡି.ଜେ.କୋର୍ଟରେ ଆଡିସନାଲ ସରକାରୀ ଏଜିପି ଭାବେ ବ୍ରଜଶ୍ୟାମ ଗୁରୁ, ଆଡିସନାଲ ପିପି ଅଶୋକ କୁମାର ଦାସ, ସ୍ପେଶାଲ ପି.ପି.(ଏନ୍‌ଡିପିଏସ) ବୃନ୍ଦାବନ ରାଉତ, ଏସ.ସି/ଏସ.ଟି. ଏପିପି ଭାବେ ଅନିଲ କୁମାର ଶର୍ମା ନିଯୁକ୍ତି ପାଇଛନ୍ତି। ସିଭିଲ (ବରିଷ୍ଠ) କୋର୍ଟରେ ଏଜିପି (ଆଡିସନାଲ ସରକାରୀ ପ୍ଲିଡର) ଭାବେ ସଞ୍ଜୟ କୁମାର ନାଥ, ଆସିଷ୍ଟାଣ୍ଟ ଲୟର ଅଭିମନ୍ୟୁ ନାଗ, ସିଭିଲ ( ଜୁନିୟର ଡିଭିଜନ) କୋର୍ଟରେ ଏଜିପି ଭାବେ ପର୍ଶୁରାମ ସଗରିଆ, ଆସିଷ୍ଟାଣ୍ଟ ପି.ପି. ଭାବେ ବିବେକାନନ୍ଦ ଶର୍ମା, ଭୁତେଶ୍ୱର ଦାସ ନିଯୁକ୍ତି ପାଇଥିବା ଜଣାଯାଇଛି । ଏହାଛଡା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କୋର୍ଟରେ ଏପିପି ଭାବେ ମନିଶ କୁମାର ହଂସ ଓ ବେଣୁଧର ଜାଲଙ୍କୁ ନିଯୁକ୍ତି ମିଳିଥିବା ଜଣାପଡିଛି।

### ଷ୍ଟାର୍ଟଅପ୍ ନେଇ ସଭା

**କଣ୍ଟାବାଞ୍ଜି,୨୧।୨(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟରେ ଅଧକ୍ଷ ଡ. ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ପରିପ୍ରେକ୍ଷୀରେ ଷ୍ଟାର୍ଟଅପ୍ କମ୍ପାନୀ ଗଠନ ପାଇଁ ଏକ ସଭା ଶନିବାର ଦିନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟରୁ ବାଣିଜ୍ୟ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସିଦ୍ଧେଶ୍ୱର ମିଶ୍ର, ଉପାଧ୍ୟକ୍ଷ, ଓଏଏସଏମଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଆବାହକ ବାଣିଜ୍ୟ ବିଭାଗ ମୁଖ୍ୟ ଯଶୋବନ୍ତ ନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିତା ମହାପାତ୍ର, ରାଜେଶ କୁମାର ମହାନ୍ତି, ଯତିନ ଦାରୀ, ଜିତେନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଏଥିରେ କେ ଭି ମହାବିଦ୍ୟାଳୟ, ମହିଳା କଲେଜ କଣ୍ଟାବାଞ୍ଜି, ପଞ୍ଚାୟତ ସମିତି କଲେଜ ମୁରିବାହାଲ, ପଞ୍ଚାୟତ ସମିତି ମହାବିଦ୍ୟାଳୟ ବଙ୍ଗୋମୁଣ୍ଡା, ବୀଣାପାଣି ମହାବିଦ୍ୟାଳୟ ଧୁମାଭଟାର ଛାତ୍ରୀଛାତ୍ରମାନଙ୍କୁ ନେଇ କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର ଗଠନ କରାଯାଇଥିଲା। ଏଥିରେ ଦିଶା ଅଗ୍ରୱାଲ, ସୁମନ ପଟେଲ, ସୂର୍ଯ୍ୟକାନ୍ତ ସାହୁ ସହଯୋଗ କରିଥିଲେ। ଆସନ୍ତା ମାସରେ ବୋର୍ଡର ପରବର୍ତ୍ତୀ ସଭା ହେବା ସହ କମ୍ପାନୀ ପଞ୍ଜୀକରଣ ହେବ ବୋଲି ସ୍ଥିର କରାଯାଇଛି।

# ପୂର୍ତ୍ତ ଯନ୍ତ୍ରୀ-ଠିକାଦାର ମୁହାଁମୁହିଁ, ମାମଲା ରୁଜୁ

**ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)**


ଟାଉନ ଥାନା ପରିସରରେ ଏସ୍‌ଡିପିଓ, ଆଇଆଇସିଙ୍କ ଉପସ୍ଥିତିରେ ଅଧୀକ୍ଷଣ ଯନ୍ତ୍ରୀ ଓ ଠିକାଦାର ଆଲୋଚନା କରୁଛନ୍ତି।

- ସମାଧାନ ଉଦ୍ୟମ ବିଫଳ
- ଜାତିଆଣ ଆକ୍ଷେପ, ଅଶ୍ଳୀଳ ଗାଳିଗୁଲଜ ଅଭିଯୋଗ କଲେ ଯନ୍ତ୍ରୀ
- ବାହାର ଠିକାଦାରଙ୍କୁ ଡାକି କାମ ଦେଉଥିବା ଅଭିଯୋଗ
- ଥାନା ପରିସର ଭିତରେ ଠିକାଦାର କଲେ ନାରାବାଜି

ବଲାଙ୍ଗୀର ପୂର୍ତ୍ତ ବିଭାଗ (ରାସ୍ତା ଓ କୋଠା)ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୀର୍ଘଦିନରୁ କୁହୁଳୁଥିବା ଯନ୍ତ୍ରୀ ଏବଂ ଠିକାଦାରଙ୍କ କଳି ଶନିବାର ଦାଣ୍ଡରେ ପଡି ହାଟରେ ଗଡ଼ିଥିଲା। ଉଭୟ ଯନ୍ତ୍ରୀ ଓ ଠିକାଦାର ପକ୍ଷ ଟାଉନ ଥାନାକୁ ଆସି ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏପରି କି ଥାନା ଭିତରେ କେତେଜଣ ଠିକାଦାର ଯନ୍ତ୍ରୀମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ନାରାବାଜି କରିଥିଲେ। ଅନ୍ୟପକ୍ଷରେ ରାସ୍ତା ଓ କୋଠା ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ ଅଫିସ ଷ୍ଟାଫ୍ ଉପସ୍ଥିତ ରହି ଅଭିଯୋଗ ଦାଖଲ କରିଥିଲେ। ପ୍ରାୟ ତିନି ଘଣ୍ଟା ଧରି ଥାନାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ସଦର ଏସ୍‌ଡିପିଓ ଏବଂ ଟାଉନ ଥାନା ଆଇଆଇସିଙ୍କ ଉପସ୍ଥିତିରେ ଉଭୟ ପକ୍ଷ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ବାଟ ବାହାରି ନ ଥିବାରୁ ଶେଷରେ ପୋଲିସ ଦୁଇ ପକ୍ଷଙ୍କ ବିରୋଧରେ ଦୁଇଟି ପୃଥକ୍ ମାମଲା ରୁଜୁ କରିଥିବା ଜଣାପଡିଛି।

ଘଟଣାରୁ ପ୍ରକାଶ ଯେ, ବଲାଙ୍ଗୀର ରାସ୍ତା ଓ କୋଠା ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା ଏବଂ ତାଙ୍କ ଷ୍ଟାଫ୍ ଶନିବାର ଟାଉନ ଥାନାକୁ ଆସି କେତେଜଣ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ସେହି ଠିକାଦାରମାନେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଅଫିସ ଷ୍ଟାଫ୍‌ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା, ଅଫିସ ଭିତରେ ଅଯଥା ଚାପ ସୃଷ୍ଟି କରୁଥିବା, ଜାତିଆଣ ଟିପ୍ପଣୀ ଏବଂ ଧମକ ଚମକ ଦେଉଥିବା ନେଇ ତାଙ୍କୁ ତାଙ୍କର ଷ୍ଟାଫ୍ ବାରମ୍ବାର ଅଭିଯୋଗ କରିବାରୁ ସେ ଥାନାକୁ ଆସି ଅଭିଯୋଗ କରିଥିବା କହିଥିଲେ। କିଛି ଦିନ ତଳେ ଜଣେ ଠିକାଦାର ଅଫିସ ଭିତରକୁ ଆସି ଯନ୍ତ୍ରୀ ଓ ମହିଳା କର୍ମଚାରୀଙ୍କ ସମ୍ମୁଖରେ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିବା ଗଣମାଧ୍ୟମରେ କହିଥିଲେ। ଅନ୍ୟପକ୍ଷରେ ଠିକାଦାର ପ୍ରେମ ରଞ୍ଜନ ପାଣିଗ୍ରାହୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ, ତାଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗିରଫ କରିଦେବାକୁ ଧମକ ଦେଇଥିଲେ। ଜିଲା ଭିତରର ଠିକାଦାରଙ୍କୁ କାମ ନଦେଇ ଜିଲା ବାହାରର ଠିକାଦାର ଡାକି ଯନ୍ତ୍ରୀ ସେମାନଙ୍କୁ କୋଟି କୋଟି ଟଙ୍କାର ଠିକା ଦେଉଥିବା ସମ୍ପୃକ୍ତ ଠିକାଦାର ଗଣମାଧ୍ୟମରେ କହିଥିଲେ। ଉଭୟ ପକ୍ଷରୁ ଅଭିଯୋଗ ପାଇବା ପରେ ଟାଉନ ଥାନାରେ ପୋଲିସ ମାମଲା ରୁଜୁ କରିଛି। ଅଧୀକ୍ଷଣ ଯନ୍ତ୍ରୀ ଜେନାଙ୍କ ଅଭିଯୋଗକୁ ଭିତ୍ତି କରି ଠିକାଦାରଙ୍କ ବିରୋଧରେ ମାମଲା (ନଂ୯୮/୨୬) ରୁଜୁ ହୋଇଛି। ସେହିପରି ଠିକାଦାରଙ୍କ ଅଭିଯୋଗକୁ ଭିତ୍ତି କରି ଯନ୍ତ୍ରୀଙ୍କ ବିରୋଧରେ ମାମଲା (ନଂ୯୯/୨୬) ରୁଜୁ ହୋଇଛି। ଦୁଇ ପକ୍ଷରୁ ମାମଲା ରୁଜୁ ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଓ ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କ ଉପସ୍ଥିତିରେ ଟାଉନ ଥାନାରେ ଶନିବାର ଦୀର୍ଘ ସମୟ ଧରି ଯନ୍ତ୍ରୀ-ଠିକାଦାର ଆଲୋଚନା ହୋଇଥିଲା। ସମାଧାନ ପାଇଁ କେତେଜଣ ଠିକାଦାର ଏବଂ ଅଫିସ ଷ୍ଟାଫ୍ ଉଦ୍ୟମ କରିଥିଲେ। ସନ୍ଧ୍ୟାରେ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସକୁ ଯାଇ ଠିକାଦାର ସଂଘ ସଦସ୍ୟ ଅଧୀକ୍ଷଣ ଯନ୍ତ୍ରୀ , ଷ୍ଟାଫ୍‌ଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାର ସମାଧାନ ହେବା ସହ ଉଭୟ ପକ୍ଷରୁ ବୁଝାମଣା ହୋଇଗଲା ବୋଲି କହି ମିଳିତ ଭାବେ ଫଟୋ ଉଠାଇଥିଲେ। ତେବେ ଥାନାରେ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସନ୍ଧ୍ୟାରେ ହୋଇଥିବା ଆଲୋଚନାରେ ଠିକାଦାର ଭୁଲ ସ୍ୱୀକାର କରିଥିବା ଏବଂ ଯନ୍ତ୍ରୀ, ଅଫିସର ମଧ୍ୟ କିଛି ଭୁଲ ରହୁଥିବା ସ୍ୱୀକାର କରିଥିବା କୁହାଯାଇଛି। ତେବେ ଉଭୟ ପକ୍ଷର କ'ଣ ସବୁ ଭୁଲ ରହୁଛି ତାହା କୁହାଯାଇନାହିଁ। କିନ୍ତୁ ବାସ୍ତବରେ ରାସ୍ତା ଓ କୋଠା ବିଭାଗ ଅଫିସରେ କ'ଣ ସବୁ ଚାଲିଛି ତାର ତଦନ୍ତ କରାଯିବାର ଆବଶ୍ୟକତା ରହିଛି।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଶିଶୁମାନେ ଚିତ୍ର ଆଙ୍କି ଦେଖାଉଛନ୍ତି।

**ଲାଠୋର,୨୧।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଶନିବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ନିଜ ମାତୃଭାଷା ପ୍ରତି ସମ୍ମାନ ଏବଂ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟବାନ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଶିକ୍ଷକ ଆକାଶ କୁମାର ସାହୁ, ଶିକ୍ଷୟିତ୍ରୀ ସୁନିତା ନନ୍ଦ, ସୁନିତା ବାର୍ଲା, ହିତେଶ୍ୱରୀ ବିଶାଳ,ଜ୍ୟୋତି କାଲୋ , ସରିତା ଭୋଇ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିବା ସହ ମାତୃଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ସଙ୍ଗୀତ ଏବଂ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମାତୃଭାଷାର ବ୍ୟବହାର, ସୁରକ୍ଷା ଓ ପ୍ରସାର ଦିଗରେ କାର୍ଯ୍ୟ କରିବା ପାଇଁ ଶିକ୍ଷକ ଆକାଶ କୁମାର ସାହୁ ଉଦ୍‌ବୋଧନ ଦେଇଥିଲେ । ଏକ ସ୍ୱତନ୍ତ୍ର ସମୂହ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା,ଯେଉଁଥିରେ ସମସ୍ତେ ସାମିଲ ହୋଇଥିଲେ। ବିଦ୍ୟାଳୟର ଅଣ ଶିକ୍ଷକ କର୍ମଚାରୀଙ୍କ ସହିତ ଛାତ୍ରୀଛାତ୍ରଙ୍କ ମାତା ପିତା ମଧ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# 'ମଜୁରି ବଢ଼ାଅ, ଘରୋଇକରଣ ବନ୍ଦ କର'

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଡିଏଫ୍ଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ବଲାଙ୍ଗୀର ଜିଲା ସଂଘ ସମ୍ପାଦକ ରାଜ କିଶୋର ମେହେରଙ୍କ ନେତୃତ୍ୱରେ ଶନିବାର ସ୍ଥାନୀୟ କେନ୍ଦୁପତ୍ର ଡିଏଫ୍ଓ ଅଫିସ ଘେରାଉ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗାଁରୁ ଆସିଥିବା କେନ୍ଦୁପତ୍ର କର୍ମଚାରୀମାନେ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର ବଲାଙ୍ଗୀର କେନ୍ଦୁପତ୍ର ରେଞ୍ଜ ଅଫିସରଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ କେନ୍ଦୁପତ୍ର ତୋଳାଳିମାନଙ୍କ କେନ୍ଦୁପତ୍ର କେରି ପ୍ରତି ଦରବୃଦ୍ଧି କରାଯିବା ସହ ସିଜିନାଲ କର୍ମଚାରୀମାନଙ୍କ ୨୦୨୪ ଜୁଲାଇ ୧୮ ତାରିଖରୁ ସର୍ବନିମ୍ନ ମଜୁରି ବୃଦ୍ଧି ଅନୁପାତରେ ମାସିକ ମଜୁରି ବୃଦ୍ଧି କରାଯିବାକୁ ଦାବି କରାଯାଇଛି। ଏହାସହିତ ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦରବୃଦ୍ଧି, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ କରିବା, ପ୍ରସ୍ତାବିତ ୫/୬ ଟି ଡିଭିଜନରେ ପରୋକ୍ଷ ଘରୋଇକରଣକୁ ବନ୍ଦ କରିବା ଦାବି କରାଯାଇଛି। ଏହାଛଡା କେନ୍ଦୁପତ୍ରରେ ଜିଏସ୍‌ଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯିବା, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କେଏଲ୍‌ଡିବିର ଆବଶ୍ୟକ ସଂଶୋଧନ ସହ ସଂଘର ମତାମତ ନେଇ ସଂଘର ସଦସ୍ୟ ମନୋନୀତ କରାଯିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ କେନ୍ଦୁପତ୍ର ତୋଳାଳିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଘେରାଉ କାର୍ଯ୍ୟକ୍ରମରେ ଜଳନ୍ଧର ଭୋଇ, କଳାପିକ ବାଗ, ସୁବାସ ରଣା, ପ୍ରକାଶ ପରୁଆ, ପରୀକ୍ଷିତ ରଣା, ମୀନାକ୍ଷୀ ରଣା, ଟୀକାରାମ ରଣା, ଅହଲ୍ୟା ରଣା ପ୍ରମୁଖ ସାମିଲ ଥିଲେ ।

## ସଡ଼କ ଦୁର୍ଘଟଣା: ୫ ଆହତ

**ଟିଟିଲାଗଡ଼,୨୧।୨(ଶରତ ମିଶ୍ର)**

ସଇଁତଳା ଥାନା ଅଧୀନ ୨୬ ନଂ ଜାତୀୟ ରାଜପଥର ବରଗାଁ ନିକଟରେ ଶନିବାର ସନ୍ଧ୍ୟା ୭ଟାରେ ଏକ ବୋଲେରୋ ଧକ୍କାରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ,ବରଗାଁ ଦେଇ ଦୁଇ ଜଣ ଯୁବକ ଚାଲି ଚାଲି ଯାଉଥିବା ବେଳେ ଏକ ବୋଲେରୋ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେମାନେ କିଛି ବାଟ ଘୋଷାଡି ହୋଇ ଗୁରୁତର ହୋଇ ପଡିଥିଲେ । ଏହାପରେ ବୋଲେରୋଟି ସଇଁତଳାରୁ କଳାହାଣ୍ଡି ଅଭିମୁଖେ ବାଇକ୍ ଯୋଗେ ଯାଉଥିବା ୩ ଜଣଙ୍କୁ ଧକ୍କା ଦେବାରୁ ସେମାନେ ଛିଟିକି ପଡି ଆହତ ହୋଇଥିଲେ। ପରେ ବୋଲେରୋ ରାସ୍ତା କଡ଼ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଆହତମାନଙ୍କୁ ପୋଲିସ ଉଦ୍ଧାର କରି ସଇଁତଳା ହସପଟାଲରେ ଭର୍ତ୍ତି କରିଛି । ଏ ନେଇ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ।

## ଦେଓଗାଁ ଡିଗ୍ରୀ କଲେଜରେ ବିଶ୍ୱ ମାତୃଭାଷା ଦିବସ ପାଳିତ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଦେଓଗାଁ,୨୧।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଶନିବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ରାଜନୀତି ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ତଥା କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତୁଳସୀ ଜୈନ ଯୋଗଦେଇ ସାଂପ୍ରତିକ ଯୁଗରେ ଯୁବ ସମାଜ ଓ ଓଡିଆ ଭାଷା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଚନ୍ଦ୍ରମଣି ସିଂଦେଓ ଯୋଗଦେଇ ଓଡିଆ ଭାଷାର ଉତ୍ପତ୍ତି ଓ ଭାଷାଭିତ୍ତିକ ପ୍ରଦେଶ ଗଠନ ତଥା ମାତୃଭାଷା କଥନ ଓ ପଠନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ପୂର୍ବତନ କୃଷି ଅଧିକାରୀ କରୁଣାକର ବୁଡେକ ଯୋଗଦେଇ ମାତୃଭାଷା ଓ ମା' ମଧ୍ୟରେ ରହିଥିବା ସାମଞ୍ଜସ୍ୟ ଉପରେ ବକ୍ତବ୍ୟ ଦେବା ସହ ଓଡିଆ ଭାଷାର ସୁରକ୍ଷା ପ୍ରତି ସମସ୍ତେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଆଶିଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)**

**'ବୀରାଙ୍ଗନାର ପଥେ ପଥେ' ଉନ୍ମୋଚିତ**

ବଲାଙ୍ଗୀର ଗାନ୍ଧୀନଗରପଡା ସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷକ ଦୀପ୍ତି ବେହେରା ଓ ତାରାକାନ୍ତୀ ସାଏ ଛାତ୍ରୀମାନଙ୍କୁ ମୌଳିକ ସ୍ୱୟଂ ରକ୍ଷା ପ୍ରକ୍ରିୟା, ସତର୍କତା ଓ ଆପାତକାଳୀନ ପରିସ୍ଥିତିରେ କିପରି ସ୍ଥିର ମନୋଭାବ ରଖିବେ ଶିଖାଇଥିଲେ। ଉଦ୍‌ଯାପନୀ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତଥା ଏଡିଇଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ଆଇନା'ର ସ୍ୱତନ୍ତ୍ର ସଂଖ୍ୟା 'ବୀରାଙ୍ଗନାର ପଥେ ପଥେ'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଶେଷରେ ପ୍ରଶିକ୍ଷକମାନଙ୍କୁ ସମ୍ମାନିତ କରାଯିବା ସହ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ରଞ୍ଜିତ ମିଶ୍ର, ସୁରେଶ ବାରିକ, ହରି କ୍ଷେତୀ, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଦେ, ଦେବସ୍ମିତା ପାଣିଗ୍ରାହୀ, ପ୍ରଜ୍ଞା ପରମିତା ବଘାର ସହଯୋଗ କରିଥିଲେ।

# ଆଗଲପୁରରେ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି କମିଲା

**ମାଟ୍ରିକ ପରୀକ୍ଷା ଦ୍ୱିତୀୟ ଦିବସ**

**ଲୋଇସିଂହାରେ ବଢ଼ିଲା**

**ଲୋଇସିଂହା,୨୧।୨(ସୁଶାନ୍ତ ବାରିକ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ମାଟ୍ରିକ ପରୀକ୍ଷା ଶନିବାର ଦ୍ୱିତୀୟ ଦିବସରେ ଇଂରାଜୀ ବିଷୟ ରହିଥିଲା। ଦ୍ୱିତୀୟ ଦିବସରେ ମଧ୍ୟ ଲୋଇସିଂହା ବ୍ଲକର ୭ ପରୀକ୍ଷା କେନ୍ଦ୍ରରେ ୯୬୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୪୩ ଜଣ ପରୀକ୍ଷା ଦେଇଥିଲେ। ଦ୍ୱିତୀୟ ଦିବସରେ ୨୩ ଜଣ ଅନୁପସ୍ଥିତ ରହିଥିବା ଜଣାପଡିଛି । ପ୍ରଥମ ଦିବସ ତୁଳନାରେ ଦ୍ୱିତୀୟ ଦିବସରେ ଆଉ ୨ ଜଣ ଅଧିକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଦେଖିବାକୁ ଗଲେ ଲୋଇସିଂହା ବ୍ଲକରେ ଅନୁପସ୍ଥିତ ପରୀକ୍ଷାର୍ଥୀ ସଂଖ୍ୟା ଦୁଇଟି ବଢିଥିବା ବେଳେ ଆଗଲପୁର ବ୍ଲକରେ ଜଣେ ପରୀକ୍ଷାର୍ଥୀଙ୍କ ଉପସ୍ଥିତି ବଢିଛି । ମିଳିଥିବା ସୂଚନା ଅନୁଯାୟୀ, ବ୍ଲକର ଝାରମୁଣ୍ଡା କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଲୋଇସିଂହା ବାଳିକା ବିଦ୍ୟଳୟରେ ୨ ଜଣ, ହରେକୃଷ୍ଣ ମହତାବ ହାଇସ୍କୁଲରେ ୪ ଜଣ, ଯୋଗୀସର୍ଡା ପିଏମ ଶ୍ରୀ ହାଇସ୍କୁଲରେ ୩ ଜଣ, କୁଶଙ୍ଗ କେନ୍ଦ୍ରରେ ୩ ଜଣ, କୁଟୁରାପାଲି କେନ୍ଦ୍ରରେ ୫ ଜଣ ଓ ସରଗାଡ କେନ୍ଦ୍ରରେ ସର୍ବାଧିକ ୬ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ଆଗଲପୁର ବ୍ଲକର ୧୧ କେନ୍ଦ୍ରରେ ୧୪୯୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୭୬ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୧୪ ଜଣ ଅନୁପସ୍ଥିତ ରହିଥିବା ଜଣାପଡିଛି। ଆଗଲପୁର ବାଳିକା ଉଚ୍ଚ ବିଦ୍ୟାଳୟ, ରାମପୁର ଆଶ୍ରମ ସ୍କୁଲ ଏବଂ ପିଏମ ଶ୍ରୀ ବାଳିକା ହାଇସ୍କୁଲରେ ସମସ୍ତ ପକ୍ଷୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ଆଗଲପୁର ପଞ୍ଚାୟତ ହାଇସ୍କୁଲରେ ୩ ଜଣ, ଭରସୁଜାରେ ୩ ଜଣ, ନଅଗାଁ(ଖ), ଡୁଡୁକା, ସାଲେଭାଟ ଉତ୍କଳମଣି ହାଇସ୍କୁଲରେ ଜଣେ ଲେଖାଏ ଏବଂ ରୋଡ କେନ୍ଦ୍ରରେ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ନଅଗାଁ(କ) କେନ୍ଦ୍ରରେ ୧୩୩ ରୁ ୧୩୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ରହିଥିଲେ। କିନ୍ତୁ ପ୍ରଥମ ଦିନ ନଅଗାଁ (କ) କେନ୍ଦ୍ରରେ ୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଖବର ହସ୍ତଗତ ହୋଇଛି।

# ଜେଏମ୍‌ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କପସିପାଲି ଚାମ୍ପିୟନ, ବଡ଼ ଗୁର୍ଜିଭଟା ରନର୍ସ ଅପ୍**

**ଖପ୍ରାଖୋଲ,୨୧।୨(ଅଭୟ ତ୍ରିପାଠୀ)**



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ବିଜେତା ଓ ଉପବିଜେତା ଦଳ।

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଗାଁରେ ଜେଏମସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କପସିପାଲି ଓ ବଡ଼ ଗୁର୍ଜିଭଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କପସିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୦୩ ରନ ସଂଗ୍ରହ କରିଥିବା ବେଳେ ବଡଗୁର୍ଜିଭଟା ଦଳ ସମସ୍ତ ଉଇକେଟ ବିନିମୟରେ କେବଳ ୫୫ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ଫଳରେ କପସିପାଲି ଦଳ ଚାମ୍ପିୟନ ଘୋଷିତ ହୋଇଥିଲେ। ଶିବରାମ କୁମ୍ଭାର ଓ ସାମନ୍ତ ସାହୁ ଅମ୍ପାୟାର ଭାବରେ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ସାମାଜିକ କର୍ମୀ ଡ. ଅଭୟ ତ୍ରିପାଠୀ, ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୧୪ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜେଏମ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହିତ କ୍ରିକେଟ ପ୍ରେମୀ ମହିଳା ପୁରୁଷ ଉପସ୍ଥିତ ଥିଲେ।

**ଗାଡ଼ି ଧକ୍କାରେ ଯୁବକ ମୃତ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ସହର ଆମ୍ବେଦକର ଛକ ୪୯ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ସନ୍ତୋଷ ସିଂ (୩୫)। ତାଙ୍କ ଘର ଅନ୍ୟ ଜିଲାରେ ହୋଇଥିବାବେଳେ ସେ ଦୀର୍ଘବର୍ଷ ହେଲା ପରିବାର ସହିତ ଦେବଗଡ଼ ପୌରାଞ୍ଚଳ ଅଧୀନ ୧୧ ନମ୍ବର ୱାର୍ଡ ନୂଆସାହିରେ ରହୁଥିଲେ। ସନ୍ଧ୍ୟାବେଳେ ସନ୍ତୋଷ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦେବଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଞ୍ଚଳର ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ପ୍ରଭାଶୁଣି ଗ୍ରାମର ଶଶୀ କିଷାନ (୪୫)। ବୁଧବାର ଯୁବତୀଙ୍କ ପରିବାର ଲୋକେ ଘରେ ଅନୁପସ୍ଥିତ ଥିଲେ। ଏହି ସୁଯୋଗରେ ଶଶୀ ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ହେଲେ ପରିବାର ଲୋକେ ଘରେ ପହଞ୍ଚିବାରୁ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଯୁବତୀଙ୍କ ମା' ଶୁକ୍ରବାର ସନ୍ଧ୍ୟାରେ ଦେବଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାରେ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ସରକାର ଘୋଷଣା କରିବା ପରେ ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ଏପରି କି ସେ ତାଙ୍କ ନିର୍ବାଚନ ଇସ୍ତାହାରରେ ଏ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଦାବି ପୁରଣ ହେବାକୁ ଯାଉଥିବାରୁ ବିଧାୟକଙ୍କୁ ଦଳୀୟ କର୍ମୀ ଓ ଜନସାଧାରଣ ଶୁଭେଚ୍ଛା ଜଣାଇଛନ୍ତି। ବିଧାୟକ ତ୍ରିପାଠୀ ଶନିବାର ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିବା ପରେ ଭାଜପା କର୍ମୀ ଓ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

### ଝାରସୁଗୁଡ଼ାରେ ସ୍ଥାପନ ହେବ ଅତ୍ୟାଧୁନିକ ଗ୍ରେନ୍ ଏଟିଏମ୍

**ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହାୟତାରେ ମିଳିବ ସୁବିଧା**

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ପ୍ରଯୁକ୍ତିଭିତ୍ତିକ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରସ୍ତାବିତ ଗ୍ରେନ୍ ଏଟିଏମ୍ ସ୍ଥାପନ ପାଇଁ ଉଦ୍ଦିଷ୍ଟ ସ୍ଥଳ ପରିଦର୍ଶନ କରି ଶନିବାର ଏହାର ଭିତ୍ତିଭୂମି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହାୟତାରେ ଜିଲାରେ ସ୍ଥାପନ ହେବାକୁ ଥିବା ଏହି ଅତ୍ୟାଧୁନିକ ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ହିତାଧିକାରୀ ବିନା କୌଣସି ଅସୁବିଧାରେ ଏବଂ ଠିକ୍ ପରିମାଣର ଖାଦ୍ୟଶସ୍ୟ ପାଇପାରିବେ। ଏହି ପରିଦର୍ଶନ ସମୟରେ ଜିଲାପାଳ ପ୍ରକଳ୍ପର ସ୍ଥାୟିତ୍ୱ ଓ ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଖାଦ୍ୟଶସ୍ୟ ଯେପରି ବର୍ଷାଜଳ କିମ୍ବା ବାୟୁମଣ୍ଡଳର ଆର୍ଦ୍ରତା ଯୋଗୁ ନଷ୍ଟ ନ ହୁଏ, ସେଥିପାଇଁ ଏହି ସ୍ୱତନ୍ତ୍ର ଢାଞ୍ଚା ବା ଷ୍ଟ୍ରକ୍ଚରକୁ ସମ୍ପୂର୍ଣ୍ଣ ଭାବେ ଜଳପ୍ରତିରୋଧକ କରି ନିର୍ମାଣ କରିବାକୁ ସେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶସ୍ୟର ଗୁଣବତ୍ତା ବଜାୟ ରଖିବା ସହ ଲୋକଙ୍କ ନିକଟରେ ସୁବିଧାରେ ରାଶନ ପହଞ୍ଚାଇବା ଦିଗରେ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

# ୧୪ କୋଟି ସାଇବର ଠକେଇ, ୭ ଗିରଫ

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)




ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ସାଇବର କବଚ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଝାରସୁଗୁଡ଼ା ଜିଲାର ବେଲପାହାଡ଼ ଓ ଲଇକେରା ପୋଲିସ ଆନ୍ତଃ ରାଜ୍ୟ ସାଇବର ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ୧୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ବେଲପାହାଡ଼ ଥାନା ମାମଲା(ନଂ.୩୨/୨୬) ଅନୁଯାୟୀ, ଠକେଇର ମାଷ୍ଟର ମାଇଣ୍ଡ ଉତ୍ତର ପ୍ରଦେଶ ଗୌତମ ବୁଦ୍ଧ ନଗର ଅଞ୍ଚଳର ହିମାଂଶୁ କୁମାର ଶ୍ରୀବାସ୍ତବ, ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଇଏସ୍ଆଇ ଛକର ପରମାନନ୍ଦ ଦାସ, ବ୍ରଜରାଜନଗର ଲମଟିବାହାଲ ଅଞ୍ଚଳର ତନୋଜ ପ୍ରଧାନ, ବେଲପାହାଡ଼ର ଷ୍ଟିଫନ ବସ୍ତାରୟା, ଝାରସୁଗୁଡ଼ା ସଦର ବ୍ଲକ୍ ପୁଡାପାଲିର କେଦାର ପ୍ରଧାନ ଓ ଭୀମ ମୁଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେହିପରି ଲଇକେରା ଥାନାର ମାମଲା(ନଂ. ୬୪/୨୬) ଅନୁଯାୟୀ, ବଲାଙ୍ଗୀର ଜିଲା ପୁଇଁତଲା ଅଞ୍ଚଳର ଈଶ୍ୱର ଦରୁଆନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଲାପ୍‌ଟପ୍, ୧୦ଟି ମୋବାଇଲ, ୧୦ଟି ଏଟିଏମ୍ କାର୍ଡ, ୮ଟି ପାସ୍‌ବୁକ୍, ଦୁଇଟି ଡେବିଟ୍ କାର୍ଡ, ଗୋଟିଏ ପାସ୍‌ପୋର୍ଟ, ୩ଟି ପାନ୍‌କାର୍ଡ, ୨ଟି ଆଧାର କାର୍ଡ, ଏକ ବ୍ୟାଙ୍କ ନିଯୁକ୍ତି ଲେଟର ଭିଜିଟିଂ କାର୍ଡ ଜବତ କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମ୍ୟୁଲ ଆକାଉଣ୍ଟ ଓ କ୍ରିପ୍ଟୋକରେନ୍ସି (ୟୁଏସ୍‌ଡିଟି) ବ୍ୟବହାର କରି ୧୪ କୋଟିରୁ ଅଧିକ ଟଙ୍କା ହେରଫେର କରିଛନ୍ତି। ଏହି ଠକେଇରେ ସମ୍ପୃକ୍ତ ସୁନ୍ଦରଗଡ଼ସ୍ଥିତ ଏକ ବ୍ୟାଙ୍କ ଶାଖାର ଜଣେ ଏବଂ ଲଇକେରା ଥାନା ଅଧୀନ ଏକ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଜଣେ କର୍ମଚାରୀଙ୍କୁ ମଧ୍ୟ ଗିରଫ କରିଛି। ଏହି କର୍ମଚାରୀ ସାଇବର ଠକମାନଙ୍କ ସହ ମିଶି ଝାରସୁଗୁଡା ଜିଲାର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ଲୋକଙ୍କ ନାମରେ ବ୍ୟାଙ୍କ ଖାତା ଖୋଲୁଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଖାତାଧାରୀମାନେ ଝାରସୁଗୁଡା ଜିଲାର ହୋଇଥିଲେ ମଧ୍ୟ ସେମାନଙ୍କ ସମସ୍ତ ଖାତା ସୁନ୍ଦରଗଡ଼ ଶାଖାରେ ଖୋଲାଯାଇଥିଲା। ଏହି ଖାତାଗୁଡିକ ଠକେଇ ଟଙ୍କା ଗ୍ରହଣ ଏବଂ ପରିବହନ ପାଇଁ ବ୍ୟବହାର କରାଯାଇଥିଲା। ତେବେ ଏହି ଠକେଇ ଘଟଣାରେ ଅଧିକ ତଥ୍ୟ ହାସଲ କରିବା ପାଇଁ ତଦନ୍ତ ଜାରି ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ୯ ରେଞ୍ଜ୍‌ରେ କେନ୍ଦୁପତ୍ର କର୍ମଚାରୀଙ୍କ ବିକ୍ଷୋଭ



ବଡମାଳ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର ତୋଳାଳୀ ଧାରଣାରେ ବସିଛନ୍ତି।

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)

ବିଭିନ୍ନ ଦାବି ପୁରଣ ପାଇଁ ଝାରସୁଗୁଡ଼ା ଡିଭିଜନର ୯ଟି ରେଞ୍ଜ୍‌ରେ ଶନିବାର କେନ୍ଦୁପତ୍ର କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ବିଶେଷକରି କେନ୍ଦୁପତ୍ର ତୋଳାଳୀଙ୍କ କେରିପ୍ରତି ଦର ବୃଦ୍ଧି, ସିଜନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ଦର ବୃଦ୍ଧି, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ, ବୋନସ୍ ପ୍ରଦାନ ଶତକଡ଼ା ହିସାବରେ ଗତବର୍ଷଠାରୁ ଅଧିକ ବୃଦ୍ଧି କରିବା, କେନ୍ଦୁପତ୍ର ତୋଳାଳୀ ମୃତକଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତାରାଶି ୨ଲକ୍ଷରୁ ୪ଲକ୍ଷକୁ ବୃଦ୍ଧି କରିବା, ବଜେଟ୍‌ରେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ସହାୟତା ପାଇଁ ୨୦୦ କୋଟି ଟଙ୍କାର ବ୍ୟବସ୍ଥା ଭଳି ୧୭ ଦଫା ଦାବି ଉପସ୍ଥାପନ କରାଯାଇଛି। ଡିଭିଜନ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ଯୁଗ୍ମ ସମ୍ପାଦକ ଅଶୋକ ମାଝୀ ସମସ୍ତ ରେଞ୍ଜ୍ ଗସ୍ତ କରି କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି କହିଛନ୍ତି, ଦାବି ପୂରଣ ନ ହେଲେ ଆସନ୍ତା ୨୭ ତାରିଖରେ ଝାରସୁଗୁଡ଼ା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତାରୋକ କରାଯିବ। ରେଞ୍ଜ୍ ସମ୍ପାଦକ ରମେଶ ଚନ୍ଦ୍ର ଭୋଇ, ସରୋଜ ଭଣ୍ଡ, ରମେଶ ପଟେଲ, ଅଲେଖ ସାହୁ, ଦୟାନନ୍ଦ ଭୋଇ, ପ୍ରେମାନନ୍ଦ ଖଣ୍ଡା, କଳାକାହ୍ନୁ ସେଟ, କିଶୋର ଖଣ୍ଡା, କପିଳ ଷା, ରମେଶ ପଧାନ, ମନବୋଧ ପଣ୍ଡା, ଫକୀର ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜରେ ଶତାଧିକ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ଧାରଣା ଦେଇଥିଲେ।

# ବିଭିନ୍ନ ଦାବି ପୂରଣ ପାଇଁ କେନ୍ଦୁପତ୍ର କର୍ମଚାରୀଙ୍କ ଧାରଣା



ତିଲେଇବଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀ ଧାରଣାରେ ବସିଛନ୍ତି।

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ବିଭିନ୍ନ ଦାବି ପୂରଣ ପାଇଁ ଦେବଗଡ଼ କେନ୍ଦୁପତ୍ର ଡିଭିଜନର ତିଲେଇବଣୀ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜ କମିଟି ପକ୍ଷରୁ ଶନିବାର ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ଯୋଗଦେଇ କହିଛନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କେନ୍ଦୁପତ୍ର ତୋଳାଳି ଶ୍ରମିକମାନେ ଆହୁରି ସଙ୍ଗଠିତ ହୋଇ ସଂଗ୍ରାମ ଜାରି ରଖିବେ। ଏଥିସହ ଆସନ୍ତା ୨୭ ତାରିଖରେ ରାସ୍ତାରୋକୋ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଗଣଧାରଣାରେ ଚିତ୍ରସେନ ନାୟକ, ଅଲେଖ ମହାନନ୍ଦ, ମନେଶ ନାଏକ, ପ୍ରମୋଦ ପ୍ରଧାନ, ପ୍ରଫୁଲ୍ଲ କିସ୍‌ପଟ୍ଟା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଇକ ଦୁର୍ଘଟଣାଗ୍ରସ୍ତ, ଆରୋହୀ ମୃତ

ରେଢ଼ାଖୋଲ,୨୦।୨(ସନ୍ତୋଷ ବଘାର)

**ସାନଭାଇର ବାହାଘର ଭୋଜି ଖାଇ ଫେରିବାବେଳେ ଦୁର୍ଘଟଣା**

ସମ୍ବଲପୁର ଜିଲା ରେଢଖୋଲ ଥାନା ଅନ୍ତର୍ଗତ ମହତପୁର ଗ୍ରାମ ନିକଟରେ ଶନିବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ରେଢ଼ାଖୋଲ ଥାନା ଅନ୍ତର୍ଗତ ଭରତାପୁର ଗ୍ରାମର ପ୍ରଦୀପ ସାହୁ (୩୨)। ଆହତ ସୁଶାନ୍ତ ପ୍ରଧାନ(୨୬)ଙ୍କୁ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ ପ୍ରଦୀପଙ୍କ ସାନଭାଇର ବାହାଘର ନୂଆପଡାରେ ହେଉଥିଲା। ଏଥିପାଇଁ ରାତି ୮ଟାରେ ପ୍ରଦୀପ ଓ ସୁଶାନ୍ତ ସେଠାକୁ ଯାଇଥିଲେ। ସେଠାରୁ ଫେରିଲା ବେଳେ ମହତପୁର ଗ୍ରାମ ନିକଟରେ ସେମାନଙ୍କ ବାଇକ୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଏଥିରେ ଉଭୟେ ଗାଡିରୁ ଛିଟି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ରେଢ଼ାଖୋଲ ଥାନ ପୋଲିସ ଡାକ୍ତରଖାନା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତି ଅତିଥିବୃନ୍ଦ।

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ରାମଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାତୃଭାଷା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ୨୧ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପରମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତାପାର୍ଶ୍ୱ ଚାଷଜମିରୁ ମୃତଦେହ ଜବତ

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ଦଣ୍ଡାସିଂହା ଗ୍ରାମ ନିକଟ ରାସ୍ତାପାର୍ଶ୍ୱ ଚାଷଜମିରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଦଣ୍ଡାସିଂହା ଗ୍ରାମର ଶଙ୍କର ଦେହୁରୀ(୫୪)। ଶୁକ୍ରବାର ସନ୍ଧ୍ୟାରେ ଶଙ୍କର ନିକଟସ୍ଥ ବାସୁପାଲି ସାପ୍ତାହିକ ବଜାରକୁ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ତାଙ୍କ ପରିବାର ସଦସ୍ୟ ତାଙ୍କୁ ଖୋଜାଖୋଜି କରିଥିଲେ। ଶନିବାର ସକାଳେ ରାସ୍ତାପାର୍ଶ୍ୱ ଚାଷଜମିରେ ଶଙ୍କରଙ୍କ ମୃତଦେହ ଉପରେ ତାଙ୍କ ସାଇକେଲ ପଡିଥିବା ଗ୍ରାମବାସୀ ଦେଖିଥିଲେ। ଏନେଇ ଗ୍ରାମବାସୀ ଓ ଶଙ୍କରଙ୍କ ପରିବାର ସଦସ୍ୟ ବାରକୋଟ ପୋଲିସକୁ ଜଣାଇଥିଲେ। ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଶଙ୍କରଙ୍କୁ ହତ୍ୟା କରାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ପାଠ୍ୟପୁସ୍ତକ ସଞ୍ଚାଳନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଲଇକେରା,୨୧।୨(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଅଧୀନ ପାକେଲଖୋଲ ହେମସାଗର ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ପଞ୍ଚ ଦିବସୀୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ ଓ ପାଠ୍ୟପୁସ୍ତକ ସଞ୍ଚାଳନ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏବିଇଓ ଜନ୍ମଜୟ ନାଏକ, ହରିଶ୍ଚନ୍ଦ୍ର ନାଏକ ଓ ପ୍ରଧାନ ଶିକ୍ଷକ ଦିଲୀପ ପଣ୍ଡା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ତାଲିମ ନେଇଥିଲେ। ଶେଷରେ ସାଧନ କର୍ମୀମାନଙ୍କୁ ମୋମେଣ୍ଟୋ ପ୍ରଦାନ କରାଯାଇଥିଲା। ସିଆର୍‌ସିସି ପ୍ରଦୀପ କୁମାର ନାଏକ ସଭା ପରିଚାଳନା କରିଥିବାବେଳେ ସିଆର୍‌ସିସି ମଳୟ ବସନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ଲଇକେରା ବିଇଓ ହିମାଂଶୁ ବାଗ୍ ଉଦ୍‌ଘାଟନ କରିଥିଲେ।

# ନବ ଦାସ ପାର୍କ, ଶ୍ରମିକ ଆଶ୍ରୟସ୍ଥଳ ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ନବ ଦାସ ପାର୍କ ପରିଦର୍ଶନ କରୁଛନ୍ତି ।

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)

**ଯଥାଶୀଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ**

ଝାରସୁଗୁଡ଼ା ସହରର ଭିତ୍ତିଭୂମି ବିକାଶ ଓ ନାଗରିକ ସୁବିଧା ସୁଯୋଗର ସମୀକ୍ଷା କରିବା ଉଦ୍ଦେଶ୍ୟରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଶନିବାର ସକାଳେ ନବ ଦାସ ପାର୍କ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଜିଲାପାଳ ଉକ୍ତ ପାର୍କ ସମ୍ମୁଖରେ ଥିବା ପରିତ୍ୟକ୍ତ ଶ୍ରମିକ ଆଶ୍ରୟସ୍ଥଳର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ତୁରନ୍ତ ନବୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭବନକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରି ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବା ନିମନ୍ତେ ସମସ୍ତ ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ନବ ଦାସ ପାର୍କ ପରିସର ବୁଲି ଦେଖିବା ସହ ସେଠାରେ ଉପଲବ୍ଧ ଥିବା ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଯାଞ୍ଚ କରିଥିଲେ। ପାର୍କ ମଧ୍ୟରେ ଥିବା ଅଚଳ ଜଳଫୁଆରା ଏବଂ ଶିଶୁ ରେଳଗାଡ଼ିର ସ୍ଥିତିକୁ ଦେଖି ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଯଥାଶୀଘ୍ର ଏହାର ମରାମତି କରି କାର୍ଯ୍ୟକ୍ଷମ କରିବା ପାଇଁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହରବାସୀଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏହି ପାର୍କର ରକ୍ଷଣାବେକ୍ଷଣ ଏବଂ ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦେବାକୁ ସେ କହିନ୍ତି।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବ୍ରଜରାଜନଗର,୨୧।୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବ୍ୟାଡ୍‌ମିଣ୍ଟନ କ୍ଲବ୍ (ବିବିସି) ପକ୍ଷରୁ ଖଲିଆକାନିସ୍ଥିତ ଏମ୍‌ଆଇଏସ୍ ପରିସରରେ ଆୟୋଜିତ ୨ ଦିନିଆ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଓରିଏଣ୍ଟ ଥାନା ଅଧିକାରୀ ସତୀଶ କୁମାର ଲେଙ୍କା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଚିବ ଶୁଭମ୍ ଶର୍ମା, ପ୍ରକାଶ ରାୟ, ବସନ୍ତ ସାବୁ, ପୂର୍ବତନ ଖେଳାଳି ସୁଜିତ୍ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ସମସ୍ତ ମ୍ୟାଚ୍ ଡବଲ୍ସ ବର୍ଗରେ ଖେଳାଯାଉଛି। ରବିବାର ନକ୍‌ଆଉଟ୍ ପର୍ଯ୍ୟାୟର ମ୍ୟାଚ୍ ପରେ ଫାଇନାଲ ମ୍ୟାଚ୍ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

# ମିଳୁନି ସୁରାକ୍, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବ୍ରଜରାଜନଗର,୨୧।୨(ବିଜୟ ବରାଡ଼)

**ସନ୍ଦେହ ଘେରରେ ଦମ୍ପତି ମୃତ୍ୟୁ ଘଟଣା**

ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅଧୀନ ସାନଯୋବ ଗ୍ରାମର ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କୌଣସି ସୁରାକ୍ ପାଇପାରୁନାହିଁ । ଶନିବାର ପୂର୍ବାହ୍ନରେ ପୋଲିସ ମେଡିକାଲରେ ଦମ୍ପତିଙ୍କ ମୃତଦେହ ବ୍ୟବଚ୍ଛେଦକରାଇ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି। ଏନେଇ ଓରିଏଣ୍ଟ ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସାନଯୋବ ଗ୍ରାମର ଏକ ଘର ଭିତରୁ ରୁକ୍ମିଣୀ ଭୋଇ(୫୫)ଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସ ସନ୍ଦେହ କରୁଥିବାବେଳେ ସେହି ଘରୁ ଚେତାଶୂନ୍ୟ ଅବସ୍ଥାରେ ତାଙ୍କ ସ୍ୱାମୀ ଗୋବିନ୍ଦ ଭୋଇ(୬୧)ଙ୍କୁ ଉଦ୍ଧାରକରି ମଣ୍ଡଳୀୟା ହସ୍ପିଟାଲକୁ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ତେବେ ମିଳିଥିବା ସୂଚନା ଓ ପଡୋଶୀଙ୍କ ବୟାନ ଅନୁଯାୟୀ, ଗୋବିନ୍ଦ ଚାକିରିରୁ ଅବସର ଗ୍ରହଣ କରିବା ପରେ ତାଙ୍କ ପାଖରେ ଲକ୍ଷାଧିକ ଟଙ୍କା ଥିଲା। ସେ ପେନ୍‌ସନ ଟଙ୍କା ସମେତ ପୈତୃକ ଜମି ବିକା ଟଙ୍କା ରଖିଥିଲେ। ସେ ନିଃସନ୍ତାନ ଥିବାବେଳେ ତାଙ୍କର ୫ ଭଉଣୀ ଥିଲେ। ଏହି ଟଙ୍କା ପାଇଁ ସେ ଭଉଣୀମାନଙ୍କଠାରୁ ସମ୍ପର୍କ କାଟିଦେଇଥିଲେ। ଅନ୍ୟପକ୍ଷରେ ଗୋବିନ୍ଦଙ୍କ ଘରକୁ ଉକ୍ତ ଗ୍ରାମର କେତେଜଣ ଲୋକ ପ୍ରତିଦିନ ଯିବାଆସିବା କରୁଥିଲେ। ୪ ଦିନ ପୂର୍ବରୁ ରୁକ୍ମିଣୀଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଦୁର୍ଗନ୍ଧ ସତ୍ତ୍ୱେ କାହାକୁ କିଛି ନ ଜଣାଇ ରୁକ୍ମିଣୀଙ୍କ ମୃତଦେହ ପାଖରେ ଗୋବିନ୍ଦ ଜଗି ବସିବା ଘଟଣାକୁ ରହସ୍ୟବୃତ କରିଛି। ଗୋବିନ୍ଦଙ୍କ ମୃତ୍ୟୁ ହସ୍ପିଟାଲରେ ହୋଇଛି। ହେଲେ ରୁକ୍ମିଣୀଙ୍କ ମୃତ୍ୟୁ କିପରି ଘଟିଲା ତାହା କେବଳ ଗୋବିନ୍ଦ ବଞ୍ଚିଥିଲେ କହିପାରିଥାନ୍ତେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ରୁକ୍ମିଣୀଙ୍କ ମୃତ୍ୟୁର କାରଣ ଜଣାପଡିବ। ହେଲେ ଟଙ୍କା ପାଇଁ ଏଭଳି ଘଟଣା ଘଟିଥିବା ନେଇ ପୋଲିସ ସନ୍ଦେହ ପ୍ରକାଶ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଗୋବିନ୍ଦ ଓ ରୁକ୍ମିଣୀ ସେହି ଘରେ ରହୁଥିଲେ। ୪ ଦିନ ହେଲା ଭିତରପଟୁ ଘରର କବାଟ ବନ୍ଦ ଥିଲା। ନିକଟରେ ରହୁଥିବା ମୃତାଙ୍କ ସାନଭଉଣୀ ବାରମ୍ବାର ଫୋନ୍ କଲାପରେ ମଧ୍ୟ ରୁକ୍ମିଣୀ ଫୋନ୍ ରିସିଭ୍ କରି ନ ଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମୃତାଙ୍କ ଭଉଣୀ ତାଙ୍କ ଘର ପାଖକୁ ଆସି କବାଟ ବାଡ଼େଇଥିଲେ। ଗୋବିନ୍ଦ ଆସି କବାଟ ଖୋଲିଥିଲେ। ଘରେ ପଶି ମୃତଦେହ ଦେଖିଲା ପରେ ରୁକ୍ମିଣୀଙ୍କ ଭଉଣୀ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ଘରେ ପଶିବା ଦେଖି ଗୋବିନ୍ଦ ଚେତାଶୂନ୍ୟ ହୋଇଯାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାରକରି ହସ୍ପିଟାଲକୁ ପଠାଇଥିଲା।

## ସଂକ୍ଷେପରେ

### ଜାତୀୟ କବାଡ଼ି ପ୍ରତିଯୋଗିତାରେ ନୂଆପଡ଼ା ଖେଳାଳି



ନୂଆପଡ଼ା,୨୧।୨ (ମକାରୁ ବେମାଲ): ଗୁଜରାଟର ବଡୋଦରା ଇନ୍ଦୋର କମ୍ପ୍ଲେକ୍ସଠାରେ ହେବାକୁ ଥିବା ୭୨ତମ ଜାତୀୟ ବରିଷ୍ଠ କବାଡ଼ି ପ୍ରତିଯୋଗିତାରେ ଓଡ଼ିଶା ଦଳରେ ନୂଆପଡ଼ା ଜିଲାର ଖେଳାଳି ହରିଶ କୁମାର ଅହିର (୨୭) ପ୍ରତିନିଧିତ୍ୱ କରିବେ। ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ତାଙ୍କୁ ଚୟନ କରାଯାଇଛି। ଏହା ରାଜ୍ୟ ତଥା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ଆସନ୍ତା ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। କୋମନା ବ୍ଲକ୍ ଦର୍ଲିପଡା ପଞ୍ଚାୟତ ହାତୀସରା ଗାଁର ହରିଶ ବର୍ତ୍ତମାନ କୋମନା ଡିଗ୍ରୀ କଲେଜରେ ଅର୍ଥଶାସ୍ତ୍ର ବିଭାଗରେ ଅଧ୍ୟାପକ ରହିଛନ୍ତି। ପେସାରେ ଅଧ୍ୟାପକ ହେଲେ ମଧ୍ୟ ନିଶା କବାଡ଼ି ଖେଳିବା ଓ ଶିଖାଇବା। ଗ୍ରାମାଞ୍ଚଳର ଜଣେ ଖେଳାଳି ରାଜ୍ୟସ୍ତରରେ ମନୋନୀତ ହୋଇ ଜାତୀୟ ସ୍ତରରେ ଖେଳିବା ପାଇଁ ସୁଯୋଗ ପାଇଥିବାରୁ ଅଞ୍ଚଳର ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟ, ହରିଶଙ୍କ ନେତୃତ୍ୱରେ ନୂଆପଡ଼ା ଜିଲାରେ ପ୍ରଥମଥର ପାଇଁ କବାଡ଼ି ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଥିଲା।

### ମାଟ୍ରିକ ପରୀକ୍ଷା: ଦ୍ୱିତୀୟ ଦିନରେ ୪୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ

ଭବାନୀପାଟଣା, ୨୧।୨ (ଉତ୍ତମ କୁମାର ଦାଶ): ଗତ ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳାହାଣ୍ଡି ଜିଲାରେ ୪୨୨ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାବେଳେ ଶନିବାର ଦ୍ୱିତୀୟ ଦିନରେ ୪୨୫ ଜଣ ଅନୁପସ୍ଥିତ ରହିଥିଲେ। ଏହି ଦୁଇ ଦିନକୁ ମିଶାଇ ମୋଟ ୮୪୭ ଛାତ୍ରୀଛାତ୍ର ପରୀକ୍ଷା ଦେଇନାହାନ୍ତି। ଏତେସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ରହିବାକୁ ନେଇ ତୀବ୍ର ଉଦବେଗ ପ୍ରକାଶ ପାଇଛି। ଅନୁପସ୍ଥିତ ଛାତ୍ରୀଛାତ୍ର ଦାଦନ ଗଲେ କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦ୍ୱିତୀୟ ଦିନରେ ଇଂରାଜୀ ପରୀକ୍ଷାରେ ଭବାନୀପାଟଣା ବ୍ଲକରେ ୩୭, କେସିଙ୍ଗା ୨୨, କର୍ଲାମୁଣ୍ଡା ୯, ମଦନପୁର ରାମପୁର ୩୬, ନର୍ଲା ୧୮, ଲାଞ୍ଜିଗଡ ୩୩, ଥୁଆମୂଳ ରାମପୁର ୨୮, କଲମପୁର ୩, ଜୁନାଗଡ଼ ୬୮, ଜୟପାଟଣା ୩୭, କୋକସରା ୩୨, ଧର୍ମଗଡ ୬୨ ଓ ଗୋଲାମୁଣ୍ଡା ବ୍ଲକରେ ୪୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି। ଚଳିତବର୍ଷ ରେଗୁଲାରରେ ୨୧,୧୦୩ ଜଣ, ଏକ୍ସ ରେଗୁଲାରରେ ୧୦୬, କରେସପଣ୍ଡେନ୍ସ କୋର୍ସରେ ୩୪ ଓ ରାଜ୍ୟମୁକ୍ତ ବିଦ୍ୟାଳୟ ଅଧୀନରେ ୨୬୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ଜିଲାରେ ୧୪ଟି ନୋଡାଲ ସେଣ୍ଟର ସହ ୧୩୦ଟି କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ନିମନ୍ତେ ଭବାନୀପାଟଣା ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

# କଳାହାଣ୍ଡି ଜିଲାରେ ଥମୁନି ଦାଦନ ଦୁଃଖ

- ସର୍ଦ୍ଦାର ପାଖରେ ବନ୍ଧା ପଡ଼ିଛନ୍ତି ୨ ଶ୍ରମିକ
- ନୂଆପଡ଼ା ଜିଲାକୁ ଡାଲଖାଇ ଯୋଜନା, କଳାହାଣ୍ଡିକୁ ଉପେକ୍ଷା

ଭବାନୀପାଟଣା,୨୧।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଦିନକୁ ଦିନ ଦାଦନ ଦୁଃଖ ବଢ଼ିଚାଲିଛି। ପେଟ ପାଇଁ ୨ ଶ୍ରମିକ ଆନ୍ଧ୍ରପ୍ରଦେଶ ଯାଇଥିଲେ। ହେଲେ ଦାଦନ ସର୍ଦ୍ଦାର ହାବୁଡ଼ରେ ପଡି ସେମାନେ ପ୍ରାୟ ୧୦ମାସ ହେଲା ବନ୍ଧା ପଡ଼ିଛନ୍ତି। ସର୍ଦ୍ଦାର କେବଳ ଖାଇବାକୁ ଦେଇ କାମ କରାଇବା ସହିତ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଗୋଟିଏ ପଟେ ରାଜ୍ୟ ସରକାର ଦାଦନ ମୁକ୍ତ ପାଇଁ ନୂଆପଡା ଜିଲାକୁ ଡାଲଖାଇ ଯୋଜନାରେ ସାମିଲ କରିଥିବାବେଳେ କଳାହାଣ୍ଡି ଜିଲାକୁ ଉପେକ୍ଷା କରାଯାଇଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଲେଇ ଗାଁର ନରେନ୍ଦ୍ର ନାଏକ (୨୬) ଓ ଗୋଲାମୁଣ୍ଡା ବ୍ଲକ



ଶ୍ରମିକ ନରେନ୍ଦ୍ର ନାଏକ।



ପ୍ରେମରାଜ ନାଏକ।

କେଗାଁ ଥାନା ଅନ୍ତର୍ଗତ ସିନାପାଲି ଗ୍ରାମର ପ୍ରେମରାଜ ନାଏକ (୩୨) ଦାଦନ ସର୍ଦ୍ଦାର ପାଖରେ ପ୍ରାୟ ୧୦ ମାସ ହେବ ବନ୍ଧା ପଡ଼ିଛନ୍ତି। ନରେନ୍ଦ୍ର ଓ ପ୍ରେମରାଜ ୨୦୨୫ ମାର୍ଚ୍ଚରେ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଇଥିଲେ। କିଛି ମାସ କାମ କରିବା ପରେ ଦାଦନ ଦଲାଲ ଅଧିକ ମଜୁରି ଦେବାକୁ କହି ଦୁଇ ସାଙ୍ଗକୁ ଟ୍ରେନ ଯୋଗେ ନେଇ ସର୍ଦ୍ଦାର ପାଖରେ ଛାଡିଦେଇ ଫେରାର ହୋଇଯାଇଥିଲେ। ଦୁଇ ଶ୍ରମିକଙ୍କୁ ଦାଦନ ସର୍ଦ୍ଦାର ଆନ୍ଧ୍ରପ୍ରଦେଶର ପେହେନା ନଦୀ ଆରପଟେ ରଖି ମାଛମରା କାମରେ ନିୟୋଜିତ କରିଛନ୍ତି। ସେମାନଙ୍କୁ ଟଙ୍କା ପଇସା କିଛି ଦେଉ ନ ଥିବାବେଳେ ଭୋର ୪ଟାରୁ ଦିନ ୧ଟା ଓ ଦିନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କାମ କରାଉଛନ୍ତି। ଭଲରେ ଖାଇବାକୁ ମଧ୍ୟ ଦେଉନାହାନ୍ତି। ଏପରିସ୍ଥଳେ ନରେନ୍ଦ୍ର ଲୁଚିକରି ଏକ ଫୋନ ମାଧ୍ୟମରେ ଶୀଘ୍ର ତାଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକଙ୍କୁ ଜଣାଇଛନ୍ତି। ପୁଅକୁ ଉଦ୍ଧାର ପାଇଁ ନରେନ୍ଦ୍ରଙ୍କ ବାପା ଅଶ୍ୱିନୀ ନାଏକ କଳାହାଣ୍ଡି ଜିଲାପାଳଙ୍କଠାରୁ ଆରମ୍ଭ କରି ଶ୍ରମ ବିଭାଗ, ଜୁନାଗଡ଼ ଥାନା ଓ ଧର୍ମଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି। କଳାହାଣ୍ଡି ଜିଲାର ଅନେକ ବ୍ଲକ ଦାଦନ ପ୍ରବଣ। ଏଠାରେ ନାମକୁମାତ୍ର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଲିଛି। ଏହି ଯୋଜନାରେ କାମ କରିବା ଲୋକ ଅଲଗା, ଫଟୋ ଉଠାଇବା ଲୋକ ଅଲଗା ଓ ଟଙ୍କା ଉଠାଇବା ଲୋକ ମଧ୍ୟ ଅଲଗା। ଅନ୍ୟପଟେ ନୂଆପଡା ଜିଲାରେ ଦାଦନ ସମସ୍ୟା ରୋକିବା ପାଇଁ ଡାଲଖାଇ ଯୋଜନାରେ ସାମିଲ କରାଯାଇଥିବା ବେଳେ କଳାହାଣ୍ଡିରେ ପ୍ରତିଦିନ ଦାଦନ ସମସ୍ୟା ନେଇ ଖବରକାଗଜରେ ଶିରୋନାମା ପାଲଟିଥିବା ବେଳେ ଏହି ଜିଲାକୁ ରାଜ୍ୟ ସରକାର ଅଣଦେଖା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ଦାଦନ ସର୍ଦ୍ଦାର ପାଖରେ ବନ୍ଧା ପଡିଥିବା ଦୁଇ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦାବି ହୋଇଛି।

## ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବିଶ୍ୱ ନୃତତ୍ତ୍ୱ ଦିବସ




ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଭବାନୀପାଟଣା,୨୧।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ବିଭାଗରେ ଶନିବାର ‘ଏନଗେଜ ଇନ୍‌ସ୍ୱାୟାର୍ଡ ଆଣ୍ଡ ସେଭ ହ୍ୟୁମାନ କାଇଣ୍ଡ ଏକ୍ରସ ଦି ୱାର୍ଲଡ’ ଶୀର୍ଷକ ଉପରେ ବିଶ ନୃତତ୍ତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଳପତି ଡ. ନିବେଦିତା ନାଥ ଅଧକ୍ଷତା କରି ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଗଠନରେ ନୃତତ୍ତ୍ୱ ବିଜ୍ଞାନର ଭୂମିକା ତଥା ପ୍ରାୟୋଗିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ନୃତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଡ. ରାଜକିଶୋର ମାହାନା ଏହି ଦିବସର ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ପ୍ରୋବିନିୟସ ଇନଷ୍ଟିଚ୍ୟୁଟ, ୟୁନିଭରସିଟି ଅଫ ଫ୍ରାଙ୍କଫୁଟ, ଜର୍ମାନର ପ୍ରଫେସର ରୋନାଲ୍ଡ ହିଡେନବର୍ଗ ମୁଖ୍ୟଅତିଥି ଭାବେ ଉପସ୍ଥିତ ହୋଇ ଓଡିଶାର ପାରମ୍ପରିକ ଶସ୍ୟ ଉତ୍ପାଦନ ଓ ଶସ୍ୟ ଆଧାରିତ ଜୀବନଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରୋନିନଜେନ ବିଶ୍ୱବିଦ୍ୟାଳୟ, ନେଦରଲ୍ୟାଣ୍ଡର ଧର୍ମ, ସଂସ୍କୃତି ଓ ସମାଜ ବିଭାଗ ପ୍ରଫେସର ପିଟରବର୍ଗ ମୁଖ୍ୟବକ୍ତା ରୂପେ ଯୋଗଦେଇ ମାଣ୍ଡିଆ ଚାଷପଦ୍ଧତି, ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବକ୍ତୃତା, ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା କୃତୀ ଛାତ୍ରୀଛାତ୍ର ଏବଂ ସ୍ନାତକ ଓ ସ୍ନାତୋକତ୍ତର ଶ୍ରେଣୀରେ ସର୍ବାଧିକ ଉପସ୍ଥାନ ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗବେଷିକା ଭାଗ୍ୟଶ୍ରୀ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ସମାଜବିଜ୍ଞାନ ବିଭାଗ ମୁଖ୍ୟ ଡ. ବିରେନ୍ଦ୍ର ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ସାଇବର ଅପରାଧୀ ଗିରଫ

ନୂଆପଡ଼ା,୨୧।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ପୋଲିସ ୬ ଜଣ ସାଇବର ଠକଙ୍କୁ ଗିରଫ କରି ସେମାନଙ୍କଠାରୁ ୬ଟି ମୋବାଇଲ, ୩ ଆକାଉଣ୍ଟ ଡିଟେଲ୍ ପାଇଛି। ସେଥିରେ ୨ କୋଟି ୯୪ ଲକ୍ଷ ୫୦ ହଜାର ଟଙ୍କା ଟ୍ରାଞ୍ଜାକ୍ସନ ହୋଇଥିବା ଜଣାପଡିଛି ବୋଲି ଶନିବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୪ଠାରୁ ନୂଆପଡ଼ା ଜିଲାରେ ସାଇବର ଅପରାଧ ଚାଲିଥିବା ସୂଚନା ମିଳିଥିଲା। ସିଆଇଡି ସିବି ଓଡିଶା ଦ୍ୱାରା ମୂଳ ଆକାଉଣ୍ଟ ବିରୋଧରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସାଇବର କବଚ ଅଭିଯାନରେ ନୂଆପଡା ଥାନା



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଆରକ୍ଷୀ ଅଧୀକ୍ଷକ।

ସାଇବର ସେଲ ସହାୟତାରେ ଆଇ୪ସି ଏମ୍‌ଏଚ୍‌ଏରୁ ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ବ୍ୟାଙ୍କ ଓ ଏହା ଅଧୀନରେ ଥିବା ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟଗୁଡିକ ଯାଞ୍ଚ କରି ସାଇବର ଅପରାଧର ପର୍ଦ୍ଦାଫାଶ କରିଛି । ଏଥିରେ ସ୍ଥାନୀୟ ଲୋକଙ୍କ ହାତ ରହିଥିବା ଅନୁମାନ କରାଯାଉଛି । ତଦନ୍ତ ଚାଲିଥିବାରୁ ସମସ୍ତଙ୍କ ନାମ ଗୋପନ ରଖାଯାଇଛି। ନୂଆପଡ଼ା ଓ ଖରିଆର ରୋଡ ଅଞ୍ଚଳର ୬ ଜଣ ଅପରାଧୀ ଗିରଫ ହୋଇଛନ୍ତି। ଆଗକୁ ଏହି ସାଇବର କବଚ ଅଭିଯାନ ଜାରି ରହିବ ବୋଲି ଏସ୍‌ପି ସିଂ କହିଛନ୍ତି। ଏ ନେଇ ନୂଆପଡା ଥାନା କେସ ନଂ.୧୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅପରାଧୀଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ।

### ମାତୃଭାଷାର ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ

ଖଡ଼ିଆଳ,୨୧।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳର ସର୍ବ ପୁରାତନ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ଅତିଥି, ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ ଅଧ୍ୟକ୍ଷ, ସ୍ୱୟଂଶାସିତ ମହାବିଦ୍ୟାଳୟ ଖଡ଼ିଆଳର ଡ. ଫଣିନ୍ଦମ ସିଂଦେଓ ବିଶିଷ୍ଟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ ବାରିକ, ସିଆର୍‌ସିସି ମଧୁସୂଦନ ସାଗର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ଅନେକ ମନଛୁଆଁ କାହାଣୀ, ଉଦାହରଣ ଓ କଥୋପକଥନ ମାଧ୍ୟମରେ ନିଜ ମାତୃଭାଷାର ସୁରକ୍ଷା ତଥା ବଞ୍ଚାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତର୍ଜାତିକ ଭାଷା ଦିବସ

ଜୟପାଟଣା,୨୧।୨ (ଓମ୍‌ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ରେଙ୍ଗାଲପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଅନ୍ତର୍ଜାତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଉକ୍ତକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ସମାଜ ସଚେତନତା ଉପଲକ୍ଷେ ଏକ ର୍‌ୟାମ୍ପ୍ ଶୋ ଅନୁଷ୍ଠିତ ହୋଇଥିଲା। ‘ଭାଷା ବିନା ଜାତି ଅନାଥ’ ଏହି ମର୍ମରେ ଅତିଥିମାନେ ନିଜ ମତ ରଖିଥିଲେ। ସହ ଶିକ୍ଷକ କୋଟେଶ୍ୱର ରାଓ, ସୁଜିତ କୁମାର ସାହୁ, ଉଦ୍ଧବ ବାଗ, ନିବେଦିତା ବାଣୁଆ ସହଯୋଗ କରିଥିଲେ।

# ଜେଲ ଗଲେ କୋଟିପତି ଫରେଷ୍ଟର



ଫରେଷ୍ଟର ଭାଗବତ ଭୂଷଣ ବେହେରାଙ୍କୁ କୋର୍ଟ ଚାଲାଣ କରାଯାଉଛି।

- ଆୟରୁ ୪୭୦ ଶତକଡ଼ା ଅଧିକ ସମ୍ପତ୍ତି ଠୁଳ କରିଥିଲେ
- ୩ ହଜାର ଦରମାରୁ ୪ କୋଟିର ମାଲିକ

ଭବାନୀପାଟଣା,୨୧।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ରେଞ୍ଜର ଭଟାଙ୍ଗପଦର ଫରେଷ୍ଟର ଭାଗବତ ଭୂଷଣ ବେହେରା ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସ ଟିମ୍ ୩ଟି ସ୍ଥାନରେ ଚଢ଼ାଉ କରିଥିଲା। ଏହି ସମୟରେ ଭବାନୀପାଟଣା ହିଲ୍ ଟାଉନରେ ଥିବା ୫୩ ଶହ ସ୍କୋୟାର ଫୁଟ୍‌ର ଏକ ମଲ୍ଟି ଷ୍ଟୋରେଡ୍ କୋଠା ଯାହାର ମୂଲ୍ୟ ୧ କୋଟି ୩୬ ଲକ୍ଷ, ଭବାନୀପାଟଣା ସହର ମଧ୍ୟରେ ୯ଟି ଦାମୀ ପ୍ଲଟ୍, ୪୭୦ ଗ୍ରାମ ସୁନା, ୩୫୦ ଗ୍ରାମ ରୁପା, ୪ଟି ହାର୍ଭେଷ୍ଟର (ଧାନକଟା ମେଶିନ), ଗୋଟିଏ ଚାରିଚକିଆ ଗାଡ଼ି (ମୂଲ୍ୟ ୧୨ ଲକ୍ଷ), ଗୋଟିଏ ଟିପ୍ପର ଓ ହାଇୱା, ୪ଟି ବେନାମୀ ଟ୍ରାକ୍ଟର ଓ ବୋଲେରୋ ସମେତ ବ୍ୟାଙ୍କ, ପୋଷ୍ଟାଲ, ଜୀବନ ବୀମା ଜମା (ଯାହାର ମୂଲ୍ୟ ୩୪.୮ ଲକ୍ଷ) ଓ ତାଙ୍କ ପରିବାର ବର୍ଗଙ୍କଠାରୁ ୧୧.୧୫ ଲକ୍ଷ ଟଙ୍କା ନଗଦ ମିଳିଥିଲା। ସେହିପରି ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର ଖୋଲାଯାଇଥିବା ଓ ଏହାକୁ ସେ ପରିଚାଳନା କରୁଥିବା ଭିଜିଲାନ୍ସ ବିଭାଗ ଜାଣିପାରିଥିଲା। ତାଙ୍କ ଆୟରୁ ସେ ୪୭୦ ଶତକଡ଼ା ଅଧିକ ସମ୍ପତ୍ତି ଠୁଳ କରିଥିବା ଓ ଜବତ ସମ୍ପତ୍ତି ପ୍ରାୟ ୪ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାକୁ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା(ନଂ.୨/୨୦୨୬)ରୁଜୁ ହୋଇଛି। ଫରେଷ୍ଟର ବେହେରାଙ୍କୁ ଗିରଫକରି ଭିଜିଲାନ୍ସ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡିଛି। ଏହାସହ ଏହି ଘଟଣାରେ ଫରେଷ୍ଟର ବେହେରାଙ୍କ ସ୍ତ୍ରୀ ଭିତିକା ବେହେରା, ବଡ଼ ଭାଇ ଭାରତ ଭୂଷଣ ବେହେରା ଓ ତାଙ୍କ ସ୍ତ୍ରୀ ରଞ୍ଜିତା ବେହେରାଙ୍କ ନାମରେ ମଧ୍ୟ ଭିଜିଲାନ୍ସ ମାମଲା ରୁଜୁ କରିଛି। ଏ ନେଇ ଭବାନୀପାଟଣାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଭିଜନର ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏହି ସମୟରେ ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ, ସଦାନନ୍ଦ ପାଣି, କ୍ଷେତ୍ରୋ ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୦ ଅଗଷ୍ଟ ୨୦ରେ ଫରେଷ୍ଟର ବେହେରା କଳାହାଣ୍ଡି ଉତ୍ତର ବନଖଣ୍ଡରେ ଫରେଷ୍ଟ ଗାର୍ଡ ଭାବେ ନିଯୁକ୍ତି ପାଇଥିଲେ। ସେ ସମୟରେ ତାଙ୍କ ଦରମା ମାତ୍ର ୩ ହଜାର ଥିଲା। ତେବେ ଚାକିରିର ୨୫ ବର୍ଷ ପରେ ସେ ଏତେ ସମ୍ପତ୍ତି କେମିତି ଠୁଳକଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଶ୍ରୀମାଙ୍କ ଜୟନ୍ତୀ ପାଳିତ



ଦେହାଂଶ ପ୍ରତିଷ୍ଠା ସ୍ଥଳରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ପୁଷ୍ପ ଅର୍ପଣ କରୁଛନ୍ତି।

ଖଡ଼ିଆଳ,୨୧।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଦେହାଂଶ ମନ୍ଦିରରେ ଶ୍ରୀମା’ଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଟ୍ରଷ୍ଟ ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର ମାତୃ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଦେହାଂଶ ମନ୍ଦିରରେ ଧୂପପୁଷ୍ପ ଅର୍ପଣ, ସମବେତ ଧ୍ୟାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ପାଠଚକ୍ରରେ ସମ୍ପାଦକ ସବିତା ବେହେରା, ସୁନିତି ଅପା, ବେଣୁ ଭାଇ ପ୍ରମୁଖ ଯୋଗଦେଇ ଶ୍ରୀମା’ ଓ ଶ୍ରୀଅରବିନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ରାଜଶ୍ରୀ ଅପା, ସୁମନ୍ତ ଭାଇ, ମନୋଜ ଭାଇ, ଝୁମୁକି ଅପାଙ୍କ ସମେତ ଅଭିଭାବକ, ମାତୃଭକ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ପାଇଁ ପ୍ରଶାସନ ପ୍ରତିବଦ୍ଧ

ନୂଆପଡ଼ା,୨୧।୨ (ମକାରୁ ବେମାଲ)

**ବିଶ୍ୱ ସାମାଜିକ ନ୍ୟାୟ ଦିବସ**

ନୂଆପଡ଼ା ଜିଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ ପ୍ରଥମେ ସମସ୍ତଙ୍କୁ ସ୍ୱାଗତକରି ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲା ପ୍ରଶାସନ ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ପାଇଁ ପ୍ରତିବଦ୍ଧ। ପ୍ରତି ସୋମବାର ଜନଶୁଣାଣି ଶିବିର ସମୟରେ ଆୟୋଜିତ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଶିବିରରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ତା’ର ପ୍ରତିକାର ବିଷୟରେ ଆଲୋଚନା କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ସେମାନଙ୍କ ଆଇନଗତ ଅଧିକାର ସମ୍ବନ୍ଧରେ ସଚେତନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ନିୟମିତ ଯୋଗାଭ୍ୟାସ ଓ ହାଲୁକା ବ୍ୟାୟାମ କରିବାକୁ ମତ ପ୍ରକାଶ କରିଥିଲେ । ଏସ୍‌ବିଆଇ ନୂଆପଡ଼ା ଶାଖା ମୁଖ୍ୟ ପରିଚାଳକ ଲିଙ୍କନ ଦାସ ସେମାନଙ୍କ ପାଇଁ ବ୍ୟାଙ୍କ ସେବା, ପେନ୍‌ସନ ଓ ଆର୍ଥିକ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଦେଇଥିଲେ । ସେହିପରି ଜିଲା ଇ-ଶାସନ ପରିଚାଳକ ବୀରେନ୍ଦ୍ର ସିଂ ଦଣ୍ଡସେନା ଡିଜିଟାଲ ସାକ୍ଷରତା ଓ ସାଇବର ସୁରକ୍ଷା ଉପରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଏମ୍‌ଓ ଡା. ଲଳିତ ମୋହନ ବିଶି, ବରିଷ୍ଠ ଆଇନଜୀବୀ ପ୍ରକାଶ ସେନାପତି ଓ ଅନ୍ୟ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଅର୍ଦ୍ଧନିର୍ମିତ ଅବସ୍ଥାରେ ଏମ୍‌ଏସ୍‌ଏମ୍‌ଇ ପାର୍କ

କେସିଙ୍ଗା,୨୧।୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର କୁର୍ଲୁପଡା ଗ୍ରାମସ୍ଥିତ ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟାନ (ଏମ୍‌ଏସ୍‌ଏମ୍‌ଇ ପାର୍କ) ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ପାର୍କ ନିର୍ମାଣ କରିବା ପାଇଁ ୧୨କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ପାର୍କ ନାହିଁ। ପାର୍କ ନିର୍ମାଣ ହେବାକୁ ଥିବା ଜମି ଉପରେ କଣ୍ଟାବୁଦା ଅନାବନା ଗଛ ହୋଇପଡ଼ିରହିଛି। ପାର୍କ ନିର୍ମାଣ ଆରମ୍ଭ ହେବାର ଆଜକୁ ୬ବର୍ଷ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ଦୃଷ୍ଟି ପଡୁ ନ ଥିବାରୁ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏପଟେ ପାର୍କ ଲାଗି ଜମି ହରାଇଥିବା ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବିବରଣୀରୁ ପ୍ରକାଶ, ୧୯୮୩ରେ ୧୫୦ ଚାଷୀଙ୍କଠାରୁ ଜେକେ ପେପର ମିଲ ୧୮୦ଏକର ଜମି କମ୍ ମୂଲ୍ୟରେ ଅଧିଗ୍ରହଣ କରିଥିଲା। ୧୯୮୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ପେପର ମିଲ ହେବା ପାଇଁ ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ଜେକେ ପେପର



କେସିଙ୍ଗା ବ୍ଲକର କୁର୍ଲୁପଡା ଗ୍ରାମସ୍ଥିତ ଏମ୍‌ଏସ୍‌ଏମ୍‌ଇ ପାର୍କ।

ମିଲ ମାଲିକ ପେପର ମିଲ ନ କରି ଗୁପ୍ତ ଭାବେ ୧୯୯୪-୯୫ମସିହାରେ ଇଡ୍‌କୋ ଓଡ଼ିଶାକୁ ୧୮୦ଏକର ଜମି ବିକ୍ରି କରିଦେଲେ। ଗତ ୨୦୦୭-୦୮ରେ ଇଡକୋ ଓଡ଼ିଶା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୨ଏକର ଜମି ବିକ୍ରି କରିଦେଲା। ଜମି ହରାଇଥିବା ଚାଷୀମାନେ ତତ୍କାଳୀନ ବିଜେଡି ସରକାରଙ୍କୁ ଚାକିରି ଖଣ୍ଡେ ଦେବା ପାଇଁ ଅଭିଯୋଗ କରିଥିଲେ। ଚାଷୀଙ୍କ ସମସ୍ୟାକୁ ଦୂର କରିବା ପାଇଁ ବିଜେଡି ସରକାର ୨୦୦୦ରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ପାଇଁ ଯୋଜନା କରିଥିଲେ। ପ୍ରଥମେ କୁର୍ଲୁପଡ଼ା ଗ୍ରାମରେ ଅଧିଗ୍ରହଣ କରିଥିବା ଜମିରେ ଇଡ୍‌କୋ ଓଡ଼ିଶା ବଲାଙ୍ଗୀର ଶାଖା ପକ୍ଷରୁ ଟେଣ୍ଡର ଦ୍ୱାରା ୨କୋଟି ବ୍ୟୟ ଅଟକଳରେ ୧୮୦ଏକର ଜମିର ଚତୁଃପାର୍ଶ୍ୱରେ ବାଡ଼ା ନିର୍ମାଣ କରାଯାଇଥିଲା। ପାର୍କ ନିର୍ମାଣ ଲାଗି ୧୦କୋଟି ବ୍ୟୟ ଅଟକଳରେ ଉକ୍ତ ଜମିରେ ୩ ଲାଇନ ପିଚୁ ଓ ଡ୍ରେନ ନିର୍ମାଣ କରାଯାଇଥିଲା। କିନ୍ତୁ ଆଜକୁ ୬ବର୍ଷ ବିତିଗଲା ସେହି ପାର୍କ ଅକାମୀ ହୋଇ ପଡ଼ିରହିଛି। ଜମି ହରାଇଥିବା ଚାଷୀମାନେ କେତେ ଆଶା ରଖିଥିଲେ, ଜମି ତ ଗଲା କିନ୍ତୁ ପେପର ମିଲ ହୋଇଥିଲେ ଚାକିରି ଖଣ୍ଡେ ମିଳିଥାନ୍ତା। ସେହି କାମ ବି ହେଲା ନାହିଁ। ବର୍ତ୍ତମାନ ଚାଷୀମାନେ ଚାତକ ପକ୍ଷୀ ପରି ଅନାଇ ବସି ରହିଛନ୍ତି। ପାର୍କ ନିର୍ମାଣ କରା ନ ଗଲେ ଚାଷୀଙ୍କ ଜମି ଫେରାଇ ଦିଆଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। କାର୍ଯ୍ୟକାରୀ କରା ନ ଗଲେ ୨୬ନଂ. ଜାତୀୟ ରାଜ୍ୟପଥ ଅବରୋଧ କରାଯିବ ବୋଲି ଚାଷୀମାନେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଭାଜପା ସରକାର ଅଛି। ଏହି ପାର୍କ ନିର୍ମାଣ ଲାଗି ରାଜ୍ୟ ସରକାର ଦୃଷ୍ଟି ଦେଲେ ଅଞ୍ଚଳବାସୀ ଉପକୃତ ହୁଅନ୍ତେ। ରାଜ୍ୟ ସରକାର ଦୃଷ୍ଟି ଦେଇ ପାର୍କ ନିର୍ମାଣ କରିବା ପାଇଁ କେସିଙ୍ଗା ଅଞ୍ଚଳର ଶିଳ୍ପ ଉଦ୍ୟୋଗୀମାନେ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଇଡ୍‌କୋ ଓଡ଼ିଶା ବଲାଙ୍ଗୀର ଶାଖା ଯନ୍ତ୍ରୀ ଆଲୋକ ରଞ୍ଜନ ବାଇଙ୍କୁ ପଚାରିବାରୁ ସରକାର ବଦଳିଛି। କ’ଣ ବିଚାର କରିବେ ସରକାରଙ୍କ ପକ୍ଷରୁ କିଛି ଆଦେଶ ଆସି ନାହିଁ ବୋଲି ପ୍ରକାଶ କରିଥିଲେ।

## ଟ୍ରେନ୍‌ରେ କଟି ଯୁବକ ମୃତ

**ରାଜଗାଙ୍ଗପୁର,୨୧।୨(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ବାରୁପଡା ନିକଟ ଟ୍ରେନ ଲାଇନରେ କଟି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଗାଙ୍ଗପୁର ଝଗରପୁର ନିବାସୀ ସନାତନ ନାଏକ (୫୦)। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା ନଂ. ୮/୨୬ ରୁଜୁ କରି ତଦନ୍ତ କରୁଛି।

## ଟ୍ରେଲର ଧକ୍କାରେ ପଥଚାରୀ ମୃତ

**ହେମଗିର,୨୧।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବୁଡାଝରିଆର ମୁଖ୍ୟ ରାସ୍ତାରେ ଶନିବାର ଟ୍ରେଲର ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ବୁଡାଝରିଆ ଗ୍ରାମର ବୋଲି ଜଣାପଡିଥିବା ବେଳେ ନାଁ ଜଣାପଡିନାହିଁ। ତେବେ ଟ୍ରେଲର ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏନେଇ ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିବା ସହ କୋଇଲା ପରିବହନ ବନ୍ଦ ରହିଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

# ବିଲରେ ପଡୁଛି ଫ୍ଲାଇ ଆଶ୍

### ଚାଷଜମି ନଷ୍ଟ, ଗ୍ରାମବାସୀଙ୍କ ବିରୋଧ

ସୁନ୍ଦରଗଡ଼,୨୦।୨ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମୁଣ୍ଡାଗାଁ ଅଞ୍ଚଳରେ ବେଆଇନଭାବେ ଫ୍ଲାଇଆଶ୍ ପଡୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ସୁନ୍ଦରଗଡ଼ ଓ ପଡ଼ୋଶୀ ଝାରସୁଗୁଡ଼ା ଜିଲାର ବିଭିନ୍ନ କମ୍ପାନୀ ପକ୍ଷରୁ ରାତି ଅଧରେ ଟ୍ରକ ମାଧ୍ୟମରେ (ବର୍ଜ୍ୟ ପାଉଁଶ) ଫ୍ଲାଇଆଶ୍ ଆଣି ଶହ ଶହ ହେକ୍ଟର ଚାଷ ଜମିରେ ପକାଯାଉଛି। ରାତିର ଅନ୍ଧାର ଯୋଗୁ ଗ୍ରାମବାସୀ ଏହା ବିଷୟରେ ଜାଣିପାରୁ ନାହାନ୍ତି। ଫଳରେ ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଗାଁର ପୋଖରୀ ପାଣି ମଧ୍ୟ ଦୂଷିତ ହୋଇଯାଇଛି। ପୋଖରୀ ପାଣି ବ୍ୟବହାର ଅନୁପଯୋଗୀ


ଟାଙ୍ଗରପାଲି ବ୍ଲକ ମୁଣ୍ଡା ଗାଁ ନିକଟରେ ବେଆଇନ ଫ୍ଲାଇଆସ ଗଦା ହୋଇଛି।

ହେବାରୁ ଗ୍ରାମବାସୀ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାସହ ଫ୍ଲାଇଆଶ୍‌ର ଧୂଳିଧୂଆଁ ଯୋଗୁ ନିକଟସ୍ଥ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଧୂଳିଧୂଆଁରେ ଶ୍ୱାସକଷ୍ଟ ସହ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ହେବା ଆଶଙ୍କା ପ୍ରକାଶ ପାଇଛି। ଗ୍ରାମବାସୀ ଏନେଇ ବାରମ୍ବାର ଜିଲା ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଫ୍ଲାଇଆଶ୍ ପକାଇବା ବନ୍ଦ କରିବା ସହ ନଷ୍ଟ ହୋଇଥିବା ଚାଷଜମିର କ୍ଷତିପୂରଣ ଓ ପ୍ରଦୂଷଣ ରୋକିବା ପାଇଁ କଠୋର ପଦକ୍ଷେପ ନେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି ସଦର ବ୍ଲକ ଭଷ୍ମା ପଞ୍ଚାୟତ ଅଞ୍ଚଳରେ ମଧ୍ୟ ଆଶ୍ ବ୍ୟବସାୟୀମାନେ ଫ୍ଲାଇ ଆଶ୍ ଆଣି ଚାଷଜମିରେ ପକାଉଛନ୍ତି। ଫଳରେ ଚାଷଜମି ପୋତି ହୋଇ ନଷ୍ଟ ହେବାକୁ ବସିଲାଣି।

# ଲୌହପଥର ଚୋରା ଚାଲାଣ ବେଳେ ଚଢ଼ାଉ, ଜଣେ ଅଟକ

ବଣାଇଁ,୨୧।୨(ପ୍ରଦୀପ ତ୍ରିପାଠୀ)

### ୨ହାଇୱା, ୧ ଜେସିବି ଜବତ

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡର କୋଇଡ଼ା ବନାଞ୍ଚଳରେ ବେଆଇନଭାବେ ଲୌହପଥର ଚୋରା ଚାଲାଣ ବେଳେ ଶନିବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ୧୬ ଚକିଆ ହାଇୱା ଓ ଏକ ଜେସିବିକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ସମସ୍ତେ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଭୋରରୁ କୋଇଡ଼ା ବନପାଳ ପ୍ରତାପ ସାହୁ କୋଇଡ଼ା ବନାଞ୍ଚଳର ମେଣ୍ଢାମାରୁଣୀ ଅଞ୍ଚଳରେ ହାତୀ ଉପଦ୍ରବ ପାଇଁ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ମେଣ୍ଢାମାରୁଣୀ ସଂରକ୍ଷିତ ଜଙ୍ଗଲରେ ଏକ ଜେସିବି ଲୌହ ପଥର ଖୋଳୁଥିବା ଦେଖି ଚଢାଉ କରିଥିଲେ । ଏହି ବେଆଇନ ଖନନ ଓ ଚୋରିରେ ସମ୍ପୃକ୍ତ ୨ଟି ୧୬ ଚକିଆ ହାଇୱା ନଂ. ଓଡି ୦୯ ୱାଇ ୮୫୫୦, ଓଡି ୦୯ ଭି ୮୫୦୮ ଏବଂ ଏକ ଜେ ସି ବି – ଓଡି ୧୪ଇ ୧୧୩୩ ଜବତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଏ ସଂକ୍ରାନ୍ତରେ କୋଇଡ଼ା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ପ୍ରଧାନଙ୍କୁ ପଚାରିବାରୁ, ଘଟଣାର ସତ୍ୟତା ସ୍ୱୀକାର କରିଛନ୍ତି। ଏନେଇ ମାମଲା ରୁଜୁ ହୋଇ ନ ଥିବା ପ୍ରକାଶ କରିଛନ୍ତି । ରବିବାର ମାମଲା ରୁଜୁ କରି ଅଟକ ବ୍ୟକ୍ତିଙ୍କୁ ଗିରଫ କରାଯିବ ଏବଂ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପ୍ରଧାନ କହିଛନ୍ତି।

# ୨ୟ ଦିନରେ ୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ

କୁଆଁରମୁଣ୍ଡା,୨୧।୨(ମହେନ୍ଦ୍ର କୁମାର ସାହୁ)

ଶନିବାର ମାଟ୍ରିକ ପରୀକ୍ଷାର ୨ୟ ଦିବସ ଥିଲା। ଏ ନେଇ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ୧୮୯୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୬୫ ଜଣ ୮ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ୨ୟ ଦିନରେ ୨ୟ ଭାଷା (ଇଂରାଜୀ) ପରୀକ୍ଷା ଅନୁଷ୍ଠିତ ହୋଇଥିଲା ବେଳେ କୁଆଁରମୁଣ୍ଡା ବ୍ଲକର ୮ଟି କେନ୍ଦ୍ରରେ ମୋଟ ୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା କୁଆଁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ନମିତା ମହାପାତ୍ର ସୂଚନା ଦେଇଛନ୍ତି। ବୀରମିତ୍ରପୁର ଜାଗୃତି ହାଇସ୍କୁଲ କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲା ବେଳେ ଦଲକି ହାଇସ୍କୁଲ କେନ୍ଦ୍ରରେ ୭ ଜଣ ଅନୁପସ୍ଥିତ ଥିଲେ। ସେହିପରି କୁଆଁରମୁଣ୍ଡା ହରିହର ହାଇସ୍କୁଲ କେନ୍ଦ୍ରରେ ୪ ଜଣ, ଥାନା ରାଏବୋଗା ହାଇସ୍କୁଲ କେନ୍ଦ୍ରରେ ୪ ଜଣ ଅନୁପସ୍ଥିତ ଥିଲେ। ସେହିପରି ବୀରମିତ୍ରପୁର ସରକାରୀ ହାଇସ୍କୁଲ ଓ କୁଆଁରମୁଣ୍ଡା ବାଳିକା ହାଇସ୍କୁଲରେ ୩ ଜଣ ଲେଖାଏଁ ଅନୁପସ୍ଥିତ ଥିଲା ବେଳେ ଅନ୍ୟ ୨ କେନ୍ଦ୍ରରେ ୨ ଜଣ ଲେଖାଏଁ ସର୍ବମୋଟ ୨୫ ଜଣ ଅନୁପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ,ପ୍ରଥମ ଦିବସ ମାତୃଭାଷା (ଓଡିଆ)ରେ ୨୬ ଜଣ ଅନୁପସ୍ଥିତ ଥିଲା ବେଳେ ୨ୟ ଦିବସ ୨ ୟ ଭାଷା (ଇଂରାଜୀ) ପରୀକ୍ଷାରେ ୨୫ ଜଣ ଅନୁପସ୍ଥିତ ଥିଲେ।

# ମହିଳା, ଶିଶୁ ବିରୋଧୀ ଅପରାଧ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ


ସୁନ୍ଦରଗଡ ପୋଲିସ ପକ୍ଷରୁ ଆୟୋଜିତ ମହିଳା ଏବଂ ଶିଶୁ ଅପରାଧ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ।

ସୁନ୍ଦରଗଡ,୨୧।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଏକାମା ଗ୍ରାମରେ ଶନିବାର ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ରୋକିବା ଏବଂ ଏହାର ବିଭିନ୍ନ ଦିଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ପୋଲିସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପୋଲିସ ମହିଳା ଏବଂ ଶିଶୁ ଅପରାଧ ନିରାକରଣ ୟୁନିଟ ତଥା ବଡଗାଁ ଥାନା ପ୍ରମୁଖ ଅଂଶୀଦାର ଥିଲେ। ପ୍ରାୟ ୧୫୦ ଜଣ ସ୍ଥାନୀୟ ମହିଳା, ଆଶା ଏବଂ ଅଙ୍ଗନୱାଡି କର୍ମୀ ସଖିର ସଦସ୍ୟ, ସ୍ଥାନୀୟ ସରପଞ୍ଚ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ବୈଠକ ବଡଗାଁ ଥାନାର ଆଇଆଇସିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସୁନ୍ଦରଗଡ଼ର ଅତିରିକ୍ତ ଏସପି ସାନ୍ତା ନୁତନ ସାମଦ, ସୁନ୍ଦରଗଡ଼ର ଅତିରିକ୍ତ ଏସପି କେ.ପି. ମିଶ୍ର, ରାଜଗାଙ୍ଗପୁରର ଏସଡିପିଓ ବି.ବି. ଭୋଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ମହିଳା ଏବଂ ଶିଶୁ ସମ୍ପର୍କିତ ବିଭିନ୍ନ ଆଇନ, ବାଲ୍ୟବିବାହ ରୋକିବା, ଆଇନଗତ ଏବଂ ସରକାରୀ ସହାୟତା ବ୍ୟବସ୍ଥାର ବ୍ୟବହାର, ଏକ ସୁସ୍ଥ ସମାଜ ଗଠନର ଗୁରୁତ୍ୱ, ଅଭିଭାବକଙ୍କ ସତର୍କତା, ସାମାଜିକ ଗଣମାଧ୍ୟମ ସହିତ ଜଡିତ ବିପଦ ଏବଂ ସାଇବର ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଏକ କୁଇଜ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ସଫଳ ଅଂଶଗ୍ରହଣକାରୀମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଏପରି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଖୁସି ଏବଂ କୃତଜ୍ଞତା ପ୍ରକାଶ କରିଥିଲେ।

# ମହାବୀର ପର୍ବତରେ ୧୫ ଫୁଟ ଝଣ୍ଡା ସ୍ଥାପନ

ବଡ଼ଗାଁ,୨୧।୨(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ନିକଟ ମହାବୀର ପର୍ବତରେ ଶନିବାର ମଧ୍ୟାହ୍ନରେ କୁତ୍ରା ବ୍ଲକ ପୂର୍କାପାଲି ଗ୍ରାମର ହିଟଲର କ୍ଲବ ସଦସ୍ୟମାନେ ୧୫ ଫୁଟର ଏକ ହନୁମାନ ଝଣ୍ଡା ସ୍ଥାପନ କରିଛନ୍ତି। କ୍ଲବ ସଦସ୍ୟ ସୁମନ୍ତ ସା, ଦୌଲତ ସା, ରାଜେଶ ସିଂହ, ତାପସ, ବିଶିକେଶନ, ଉମେଶ, ପ୍ରଦୀପଙ୍କ ସହିତ କ୍ଲବ ସଦସ୍ୟମାନେ ଝଣ୍ଡାନେଇ ଯାଇଥିଲାବେଳେ ଛାମୁଣ୍ଡା ଗ୍ରାମର ଜଗଦୀଶ କାଲୋ ବାଉଁଶ ଯୋଗାଇ ଦେଇଥିଲେ। କ୍ଲବ ସଦସ୍ୟମାନେ ପୂଜାର୍ଚ୍ଚନା କରି ପୋଢ଼ ଗୁହାଳ ନିକଟରେ ଝଣ୍ଡା ସ୍ଥାପନ କରିଥିଲେ।



# ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବଡ଼ଗାଁ,୨୧।୨(ଅଶୋକ ଷଡଙ୍ଗୀ)

ଜିଲା ପୋଲିସର ମହିଳା ଓ ଶିଶୁ ସୁରକ୍ଷା ବିଭାଗ ଓ ବଡ଼ଗାଁ ଥାନା ପୋଲିସର ମିଳିତ ଆନୁକୂଲ୍ୟରେ ବଡ଼ଗାଁ ବ୍ଲକର ଏକମା ଠାରେ ଶନିବାର ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ସଭାକୁ ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ ପରିଚାଳନା କରିଥିଲେ। ସଭାରେ ଅତିରିକ୍ତ ଏସପି ଶାନ୍ତାନୂତନ ସାମାଦ, କେପି ମିଶ୍ର, ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇ ଯୋଗଦେଇଥିଲେ। ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ନିରାକରଣ ବିଷୟରେ ଆୟୋଜିତ ସଭାରେ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁ ସୁରକ୍ଷାକୁ ନେଇ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଶିଶୁ ଓ ମହିଳାଙ୍କ ପ୍ରତି ହେଉଥିବା ଅପରାଧ ନିରାକରଣ ପାଇଁ ସମସ୍ତେ ସଚେତନ ରହିବାକୁ ଆହ୍ୱାନ ଦିଆଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କୁତ୍ରା,୨୧।୨(ଦେବାଶିଷ ସାହୁ)

କୁତ୍ରା ପୋଲିସ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଥାନା ଅଧିକାରୀ ଲୋକେଶ୍ୱର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ କୁତ୍ରା ବସଷ୍ଟାଣ୍ଡଠାରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ରାଲି ମାଧ୍ୟମରେ ଲୋକମାନଙ୍କୁ ହେଲମେଟ ପିନ୍ଧି ବାଇକ ଚଳାଇବା, ସିଟ ବେଲ୍ଟ ଲଗାଇ ଗାଡ଼ି ଚଳାଇବା, ଗାଡି ଚଳାଇବା ସମୟରେ ଫୋନରେ କଥା ନ ହେବା ଏବଂ ସମସ୍ତ ଟ୍ରାଫିକ ନିୟମ ମାନିବା ପାଇଁ ସଚେତନ କରାଯାଇଥିଲା। ପୋଲିସ ପକ୍ଷରୁ ଦୁର୍ଘଟଣା ରୋକିବା ପାଇଁ ସଡ଼କ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଗୋପୀନାଥ ଓଝା, ସୁବ୍ରତ ସାହୁ, ସୁନିତା ଦାସ, ସିବେଷ୍ଟିଆନ ଲୁଗୁନ, ମନୋଜ ଏକ୍କାଙ୍କ ସମେତ ଥାନାର ପୋଲିସ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଓ ବହୁ ଡ୍ରାଇଭର ଉପସ୍ଥିତ ଥିଲେ। ସମସ୍ତେ ମିଳିମିଶି ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ସଙ୍କଳ୍ପ କରିଥିଲେ। ଏହି ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।



୧୭ଦଫା ଦାବି ନେଇ ଶନିବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସୁନ୍ଦରଗଡ କେନ୍ଦୁପତ୍ର ରେଞ୍ଜ ଅଫିସ ସମ୍ମୁଖରେ ଶ୍ରମିକ, କର୍ମଚାରୀ ଓ ତୋଳାଳିଙ୍କ ଦ୍ୱିଦିବସୀୟ ଧାରଣା।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

କୁତ୍ରା,୨୧।୨ (ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବିଶେଷ ସଭା ଆୟୋଜିତ ହୋଇଥିଲା। ଶିକ୍ଷକମାନେ ମାତୃଭାଷାର ଗୁରୁତ୍ୱ, ଭାଷା ସଂରକ୍ଷଣ ଓ ସଂସ୍କୃତିକ ଐତିହ୍ୟରେ ତାହାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଭାଷଣ, କବିତା ପାଠ ମାଧ୍ୟମରେ ନିଜ ମାତୃଭାଷା ପ୍ରତି ଆଦର ଓ ଭାବନା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନିକାନ୍ତ ଶାସନୀ ମାତୃଭାଷା ରକ୍ଷା ଓ ପ୍ରଚାର ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ, ଦିପିକା କେର୍କେଟା, ସୁଦାମ ମହାନନ୍ଦ, ଧୃତିସୁନ୍ଦର ସାହୁ, ଅବିନାଶ କର, ସ୍ମୃତି ସ୍ୱରୂପ ଦାସ, ଭୈରବ ଦେହେରୀ, ରୋହିତ ଜୟପୁରିଆ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ପାଳନ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ମନରେ ମାତୃଭାଷା ପ୍ରତି ସମ୍ମାନ ଓ ସଚେତନତା ବୃଦ୍ଧି ପାଇବ।

# ହଜିଯାଇଥିବା ୮୫ ମୋବାଇଲ ମାଲିକଙ୍କୁ ଫେରାଇଲା ପୋଲିସ

ସୁନ୍ଦରଗଡ,୨୧।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ପୋଲିସ, ସାଇବର ପୋଲିସ ଟିମ ଓ ଜିଲାର ସମସ୍ତ ଥାନାର ମିଳିତ ପ୍ରୟାସ, ପ୍ରାଯୁକ୍ତିକ ବିଶ୍ଳେଷଣ ଓ ନିରନ୍ତର ଅନୁସନ୍ଧାନ ମାଧ୍ୟମରେ ସାଧାରଣ ଲୋକଙ୍କ ହଜିଯାଇଥିବା ୮୫ଟି ମୋବାଇଲ ଫୋନକୁ ଜବତ କରାଯାଇଛି। ଏଥିସହିତ ଶନିବାର ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ମେଳାରେ ଏସ୍‌ପି ଅମ୍ରିତ ପାଲ କୌର ୮୫ ଜଣ ମାଲିକଙ୍କୁ ସେମାନଙ୍କ ଫୋନ ହସ୍ତାନ୍ତର କରିଛନ୍ତି। ଜବତ ଫୋନ ଗୁଡ଼ିକର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି କୌର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନାଦେଇ ଏସ୍‌ପି କୌର କହିଛନ୍ତି ଯେ, ମୋବାଇଲ ଫୋନ ହଜିଗଲେ କିମ୍ବା ଚୋରି ହୋଇଗଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ କିମ୍ବା ସିଇଆଇଆର୍ ପୋର୍ଟାଲରେ ରିପୋର୍ଟ କରନ୍ତୁ। ନିଜ ମୋବାଇଲରେ ଆଇଏମ୍‌ଇଆଇ ନମ୍ବର ସଂରକ୍ଷିତ ରଖନ୍ତୁ। ପ୍ରମାଣପତ୍ର ବିନା ପୁରୁଣା ମୋବାଇଲ ଫୋନ କିଣନ୍ତୁ ନାହିଁ। ସେ ଆହୁରି କହିଛନ୍ତି ଯେ, ସୁନ୍ଦରଗଡ ଜିଲା ପୋଲିସ ଅପରେଶନ ସାଇବର କବଚ ଅଧୀନରେ ବଡ ସଫଳତା ହାସଲ କରି ଏପର୍ଯ୍ୟନ୍ତ ୧୦୦ରୁ ଉର୍ଦ୍ଧ୍ୱ ମ୍ୟୁଲ ଆକାଉଣ୍ଟକୁ ଯାଞ୍ଚ କରିସାରିଛି। ଭଷ୍ମା ଥାନା, ଧରୁଆଡିହି, ରାଜଗାଙ୍ଗପୁର, ସୁନ୍ଦରଗଡ ଟାଉନ ଥାନା, ବୀରମିତ୍ରପୁର ଓ କୁତ୍ରା ଥାନାରେ ମ୍ୟୁଲ ଆକାଉଣ୍ଟ, ଚେକ ଉତ୍ତୋଳ ଓ ନଗଦ ଟଙ୍କା ଉତ୍ତୋଳନ ସମ୍ବନ୍ଧୀୟ ୭ଟି ମାମଲା ରୁଜୁ ହୋଇଛି। ଏହିସବୁ ମାମଲାରେ ୭ଜଣଙ୍କୁ ଗିରଫ କରାଯାଇଛି ଓ ଭାରତୀୟ ନ୍ୟାୟ ସଂହିତାର ଧାରା୩୫(୩) ଅନୁଯାୟୀ ୮ଜଣଙ୍କୁ ନୋଟିସ ଜାରି କରାଯାଇଛି। ଏହା ସହିତ ସମ୍ବନ୍ଧିତ ଟ୍ରାଞ୍ଜାକ୍ସନର ମୋଟ ରାଶି ୭କୋଟିରୁ ଅଧିକ ଥିବା ଏସ୍‌ପି ସୂଚନା ଦେଇଛନ୍ତି। କୌଣସି ପରିସ୍ଥିତିରେ ନିଜ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ସିମ୍‌କାର୍ଡ କିମ୍ବା ଏଟିଏମ୍ କାର୍ଡକୁ ଠକମାନଙ୍କୁ ଦିଅନ୍ତୁ ନାହିଁ କିମ୍ବା ସେୟାର ନ କରିବାକୁ ଏସ୍‌ପି କୌର ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି। ଏହି ଫୋନ ହସ୍ତାନ୍ତର ମେଳାରେ ଅତିରିକ୍ତ ଏସ୍‌ପି ମହେନ୍ଦ୍ର ନାଥ ମୁର୍ମୁ, ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ସାଇବର ଥାନା ଡିଏସ୍‌ପି ଇନ୍‌ଚାର୍ଜ ରାଜେନ୍ଦ୍ର ଶିଅଳ, ସୁନ୍ଦରଗଡ ସାଇବର ଥାନା ଇନ୍ସପେକ୍ଟର ମୁକେଶ ସାହାଣୀ ଓ ଜିଲାର ଅନ୍ୟ ଥାନାର ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


ସୁନ୍ଦରଗଡ଼ ଏସ୍‌ପି ଜଣେ ବ୍ୟକ୍ତିଙ୍କୁ ହଜିଯାଇଥିବା ମୋବାଇଲ ଫୋନ ହସ୍ତାନ୍ତର କରୁଛନ୍ତି।

# ଜିଲାର ଭୂଗର୍ଭ ଜଳ ପରିସ୍ଥିତି ଉପରେ ଆଲୋଚନା

ସୁନ୍ଦରଗଡ଼,୨୧।୨(ଜୟ ନାରାୟଣ ମେଣ୍ଡୁଲି)


ଭୂଗର୍ଭ ଜଳ ପରିଚାଳନା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଭୂଗର୍ଭ ଜଳ ତଥ୍ୟ ପ୍ରଚାର, ରିପୋର୍ଟ ହସ୍ତାନ୍ତର ନେଇ ଜିଲା ସ୍ତରୀୟ ବୈଠକ

ସ୍ଥାନୀୟ ବିକାଶ ଭବନଠାରେ କେନ୍ଦ୍ରୀୟ ଭୂଗର୍ଭ ଜଳ ପରିଷଦ (ସିଜିଡବ୍ଲୁବି), ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରାଳୟ ଅଧୀନରେ ଦକ୍ଷିଣପୂର୍ବ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ସୁନ୍ଦରଗଡ଼ରେ ଭୂଗର୍ଭ ଜଳ ତଥ୍ୟର ପ୍ରଚାର ଓ ରାଷ୍ଟ୍ରୀୟ ଜଳଭୃତ ମାନଚିତ୍ରଣ ଏବଂ ପରିଚାଳନା କାର୍ଯ୍ୟକ୍ରମ ରିପୋର୍ଟ ଅଦାନପ୍ରଦାନ ପାଇଁ ଏକ ଜିଲା ସ୍ତରୀୟ ବୈଠକ ଶୁକ୍ରବାର ଆୟୋଜିତ ହୋଇଥିଲା। ବୈଠକର ମୂଳ ଉଦ୍ଦେଶ୍ୟ ଥିଲା ଭୂଗର୍ଭ ଜଳ ସମ୍ବନ୍ଧୀୟ ବୈଜ୍ଞାନିକ ତଥ୍ୟ ଓ ଅଧ୍ୟୟନ ଫଳାଫଳକୁ ଜିଲା ପ୍ରଶାସନ ସହ ଅଂଶୀଦାର କରି ସ୍ଥାୟୀ ଏବଂ ବୈଜ୍ଞାନିକ ଭୂଗର୍ଭ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେବା। ଏହି ଅବସରରେ ଏକ ପ୍ରମାଣଭିତ୍ତିକ ପୁସ୍ତକକୁ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅନୁମୋଦନକ୍ରମେ ଉନ୍ମୋଚନ କରାଯାଇଥିଲା।

ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଧୀରେନ୍ଦ୍ର ନାଏକ, ଭୁବନେଶ୍ୱରସ୍ଥିତ ଦକ୍ଷିଣ–ପୂର୍ବ ଆଞ୍ଚଳିକ ଭୂଗର୍ଭ ଜଳ ପରିଷଦରର ବୈଜ୍ଞାନିକ ସତ୍ୟମ ଶୁକ୍ଳା ଏବଂ ଆଶୁତୋଷ ଚୌଧୁରୀ ଉପସ୍ଥିତ ଥିଲେ। ସେହିଭଳି ଏହି ଅବସରରେ ଭୂଗର୍ଭ ଜଳ ତଥ୍ୟ ଅଧ୍ୟୟନର ବିସ୍ତୃତ ରିପୋର୍ଟ ଜିଲା ପ୍ରଶାସନଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ରିପୋର୍ଟରେ ନିମ୍ନଲିଖିତ ମୁଖ୍ୟ ଦିଗ ଗୁଡ଼ିକ ରହିଛି ଯଥା – ଭୂଗର୍ଭ ଜଳ ଉପଲବ୍ଧତା, ଜଳର ଗୁଣଗତ ଅବସ୍ଥା, ପୁନର୍ଭରଣ କ୍ଷମତା, ପରିଚାଳନା କୌଶଳ ଓ ସୁପାରିଶ ଆଦି। ଏହି ଅବସରରେ ବୈଜ୍ଞାନିକ ଶୁକ୍ଳା ଓ ଚୌଧୁରୀ ସୁନ୍ଦରଗଡ଼ ଜିଲାର ଭୂଗର୍ଭ ଜଳ ପରିସ୍ଥିତି, ଜଳଭୃତ ମାନଚିତ୍ରଣର ମୁଖ୍ୟ ନିଷ୍କର୍ଷ, ସମ୍ଭାବ୍ୟ ଚ୍ୟାଲେଞ୍ଜ, କାର୍ଯ୍ୟକାରୀ ପରିଚାଳନା ପାଇଁ ପ୍ରସ୍ତାବ ଆଦି ଉପରେ ଆଲୋକପାତ କରିଥିଲେ। ସେହିଭଳି ବିଭିନ୍ନ ବିଭାଗ ସହ ସମନ୍ୱୟ ସ୍ଥାପନ କରି ଜଳ ସଂରକ୍ଷଣ ଓ କୃତ୍ରିମ ପୁନର୍ଭରଣ ଉପାୟ ଅବଲମ୍ବନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ସମସ୍ତ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ମୋଟର ଯାନ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କର



ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଅତିରିକ୍ତ ଜିଲାପାଳ ଓ କମିଟିର ସଭ୍ୟ ବୃନ୍ଦ।

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

**ଡିଏଚ୍ଏଚ୍ ସମ୍ମୁଖ ରାସ୍ତାରେ ଭାରିଯାନ ଚଳାଚଳ ନେଇ ଉଦ୍‌ବେଗ**

ସୋନପୁର,୨୧।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ମୋଟର ଯାନ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଶନିବାର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ପୋଲିସ ଓ ପରିବହନ ବିଭାଗ ଟିମ୍ ମିଳିତ ଭାବେ ଯାନବାହାନ ଯାଞ୍ଚ କଡାକଡି କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ସ୍କୁଲ ଭ୍ୟାନ୍ ଓ ଅଟୋରେ ଅସୁରକ୍ଷିତ ଭାବେ ଯାତାୟତ କରୁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହୋଇଛି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍) ସମ୍ମୁଖ ରାସ୍ତାରେ ଅଧିକାଂଶ ସମୟରେ ଜରୁରୀକାଳୀନ ରୋଗୀଙ୍କ ସହ ଆମ୍ବୁଲାନ୍ସ ଯାତାୟତ କରୁଥିବାରୁ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ ଉପରେ କଟକଣା ନେଇ ଗତ ଜାନୁଆରୀ ୨୨ରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଶରଧାପାଲି ଓ ଖୁପୁଡିପଡା ଭୀମଭୋଇ ମଠ ଛକ ନିକଟରେ ୨ଟି ସ୍ୱତନ୍ତ୍ର ସାଙ୍କେତିକ ଫଳକ ଲଗାଯିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପୂର୍ତ୍ତ ବିଭାଗ ଫଳକ ଲଗାଇ ନ ଥିବାରୁ ଏହି ରାସ୍ତାରେ ଭାରିଯାନ ଚଳାଚଳ ପୂର୍ବ ଭଳି ଜାରି ରହିଛି। ଅନ୍ୟପକ୍ଷେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କିମ୍ବା ତାଙ୍କର ପ୍ରତିନିଧି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁପସ୍ଥିତ ଥିଲେ। ଏଥିନେଇ ବୈଠକରେ ଅଧ୍ୟକ୍ଷତା କରୁଥିବା ପ୍ରଧାନ ଓ କମିଟିର ସଭ୍ୟ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାର ମୁଖ୍ୟରାସ୍ତା ଗୁଡିକ ଉପରେ ବାଲି, ଚିପ୍ସ, ପଥର, ମାଟି ଓ ଇଟା ଆଦି ଗୃହ ନିର୍ମାଣ ସାମଗ୍ରୀ ଜମା କରି ରାସ୍ତା ଅବରୋଧ କଲେ ଏଣିକି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଜାନୁଆରୀରେ ମୋଟର ଯାନ ଯାଞ୍ଚ ସମୟରେ ମୋଟ ୯୭ଟି ଚାଲାଣ ରଦ୍ଦ ହୋଇଥିବା ବେଳେ ୯୦୭ଟି ଚାଲାଣ ବକେୟା ରହିଛି। ଏହି ସମୟରେ ୧୩ଲକ୍ଷ ୯୧ହଜାର ୮୧୫ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। ସେହିପରି ୧୧୯ଜଣ ଆଇନ ଉଲ୍ଲଂଘନକାରୀଙ୍କ ଗାଡିଚାଳନା ପ୍ରମାଣପତ୍ର ନିଲମ୍ବନ କରାଯାଇଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଜାନୁଆରୀରେ ୧୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ସେଥିରୁ ୨ଟି ଦୁର୍ଘଟଣା ଦ୍ରୁତ ଗତି ଓ ଡ୍ରାଇଭରଙ୍କ ଅବହେଳା ଯୋଗୁ ଘଟିଛି। ୪୮୪ଜଣ ବାଇକ୍ ଚାଳକ ହେଲମେଟ୍ ନ ପିନ୍ଧିଥିବା ଚିହ୍ନଟ ହୋଇଥିବା ବେଳେ ୩୪୭ଟି ଗାଡି ଦ୍ରୁତଗତିରେ ଡ୍ରାଇଭିଂ ପାଇଁ ଚାଲାଣ କରାଯାଇଛି।

ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାଶ, ଡିଏସ୍‌ପି ଚନ୍ଦ୍ର ଶେଖର ଶବର, ପୌର ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲା ଘରୋଇ ବସ୍ ମାଲିକ ସଂଘର ସଭାପତି ଦୀପକ ମହାପାତ୍ର, ପିଣ୍ଟୁ ପଣ୍ଡା, କମିଟି ସଦସ୍ୟ ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ ମେହେର, ରେଆରର ଅନଙ୍ଗ ନେଗୀ, ଡିଆରଏମ୍ ଆଇଆରଏଡି ଚିତ୍ତରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା, କନିଷ୍ଠ ମୋଟର ଯାନ ଅଧିକାରୀ ଦେବବ୍ରତ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ରହି ବିଭିନ୍ନ ମତାମତ ଉପସ୍ଥାପନ କରିଥିଲେ।

# ବୀରମହାରାଜପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଦାବି

**ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଶିଷ୍ଟ ବୈଜ୍ଞାନିକ ଡ. ସଞ୍ଜୀବ କୁମାର କର୍ମୀ**



ବୈଜ୍ଞାନିକ ଡ. ସଞ୍ଜୀବ କୁମାର କର୍ମୀ।

ବୀରମହାରାଜପୁର,୨୧।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଉପଖଣ୍ଡରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବୈଜ୍ଞାନିକ ଡ. ସଞ୍ଜୀବ କୁମାର କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କୁ ଲେଖିଥିବା ଏକ ଇ-ମେଲରେ ଡ. କର୍ମୀ ଉଲ୍ଲେଖ କରିଛନ୍ତି, ବୀରମହାରାଜପୁର ଉପଖଣ୍ଡରେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସ୍କୁଲ ନାମଲେଖାରେ ଉତ୍ସାହଜନକ ପ୍ରଗତି ସତ୍ତ୍ୱେ, ଉପଖଣ୍ଡରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ। ଫଳସ୍ୱରୂପ, ଅନେକ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇଁ ଦୂର ସହରକୁ ଯାତ୍ରା କରିବାକୁ ବାଧ ହେଉଛନ୍ତି। ଯାହା ଆର୍ଥିକ ଦୃଷ୍ଟିରୁ ପଛୁଆ ସମ୍ପ୍ରଦାୟ ପାଇଁ ସମ୍ଭବପର ନୁହେଁ। ବିଶେଷକରି ଉଲୁଣ୍ଡା, ବୀରମହାରାଜପୁର, ଖଣ୍ଡହତା ଏବଂ ସୁବଳୟା ଅଞ୍ଚଳର ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସୋନପୁର, ବୌଦ୍ଧ ଓ ସମ୍ବଲପୁର ସହରକୁ ପଠାଇବା ଅତ୍ୟନ୍ତ କଷ୍ଟକର ମନେ କରନ୍ତି, ଯେଉଁଠାରେ ଜିଲା ମୁଖ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ଅବସ୍ଥିତ। ତେଣୁ ଏହି ଅଞ୍ଚଳ ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଶୈକ୍ଷିକ ସୁବିଧା ସହିତ ଏକ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଜରୁରୀ। ଡ. କର୍ମୀ ଆହୁରି କହିଛନ୍ତି, କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦ୍ୱାରା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀମାନଙ୍କ ଗୁଣାତ୍ମକ ଶିକ୍ଷାର ଉପଲବ୍ଧତା ଯଥେଷ୍ଟ ବୃଦ୍ଧି ପାଇବ। ଏହା ଶୈକ୍ଷିକ ଉତ୍କର୍ଷତା, ଶୃଙ୍ଖଳା ଏବଂ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରୁଥିବା ଏକ ମଡେଲ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରି ବୀରମହାରାଜପୁର ଉପଖଣ୍ଡର ସାମଗ୍ରିକ ଶିକ୍ଷା ମାନକୁ ମଧ୍ୟ ବୃଦ୍ଧି କରିବ। ଏପରି ଏକ ପଦକ୍ଷେପ ଜାତୀୟ ଶିକ୍ଷା ନୀତି ୨୦୨୦ର ଉଦ୍ଦେଶ୍ୟକୁ ଆଗକୁ ବଢାଇବ। ବିଶେଷକରି ବୀରମହାରାଜପୁର ପରି ଏକ ଅନୁନ୍ନତ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାର ସମାନ ପ୍ରବେଶକୁ ସୁନିଶ୍ଚିତ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ବୀରମହାରାଜପୁର ଅଞ୍ଚଳର ମୂଳବାସିନ୍ଦା ତଥା ବର୍ତ୍ତମାନ ଗୁଜରାଟ ସର୍ଦ୍ଦାର ପଟେଲ ରିନାବୁଲ ଏନର୍ଜି ରିସର୍ଚ୍ଚ ସେଣ୍ଟର ଅଧ୍ୟକ୍ଷ ତଥା ପୃଥିବୀର ଦୁଇ ଭାଗ ବୈଜ୍ଞାନିକମାନଙ୍କ ମଧ୍ୟରେ ସ୍ଥାନ ପାଇଥିବା ବୈଜ୍ଞାନିକ ଡ. ସଞ୍ଜୀବ କୁମାର କର୍ମୀ ନିଜ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତାକୁ ବିଚାର କରାଯାଉ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆଠମଲ୍ଲିକଠାରେ ଏବେ ଏକ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲା ଯାଇଛି। ରେଢ଼ାଖୋଲଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ବୀରମହାରାଜପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାରେ ବିଳମ୍ବ ହେଉଥିବାରୁ ଏହି ଅଞ୍ଚଳରେ ଜନଅସନ୍ତୋଷ ବଢୁଛି।

# ସାମାଜିକ ନ୍ୟାୟ ସମସ୍ତଙ୍କୁ ସମାନ ଅଧିକାର ଦେଇଥାଏ



ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ଅତିଥିମାନେ।

**ବିଶ୍ୱ ସାମାଜିକ ନ୍ୟାୟ ଦିବସ**

ବୀରମହାରାଜପୁର,୨୧।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର ଓ ସଦସ୍ୟ ନାରାୟଣ ପ୍ରସାଦ ନାୟକ ଯୋଗଦେଇ କହିଲେ, ସମାଜରେ ଧନ ସମ୍ପତ୍ତି, ମାନ, ଯଶ, ଅଧିକାର ସମାନ ଭାବରେ ସମସ୍ତଙ୍କ ପାଖରେ ନ ଥାଏ। ଧର୍ମ, ସଂସ୍କୃତି, ଲିଙ୍ଗ, ଜାତି, ଦକ୍ଷତା ମଧ୍ୟରେ ସମାନତା ରହି ନ ଥାଏ। ସାମାଜିକ ନ୍ୟାୟ ଏହି ଦୃଷ୍ଟିରୁ ସମସ୍ତଙ୍କୁ ସମାନ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ଅଧିକାର ଦେବାପାଇଁ ଉଦ୍ଦିଷ୍ଟ ବୋଲି ମତ ପ୍ରକାଶ କରିଥିଲେ। ଜଗଦୀଶ ଚାନ୍ଦ ସ୍ୱାଗତ କରିଥିଲେ। ସମ୍ପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା ଦିବସର ଉଦ୍ଦେଶ୍ୟ ଜ୍ଞାପନ ସହିତ ସଭା ସଂଯୋଜନା କରିଥିଲେ। ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଧାରଣା



ରେଞ୍ଜ କାର୍ଯ୍ୟାଳୟ ପରିସରରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ବୀରମହାରାଜପୁର,୨୧।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଏବଂ ସିଣ୍ଢୋଲ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ପରିସରରେ ୨ଦିନ ଧରି ଚାଲିଥିବା ଧାରଣା ଶନିବାର ପ୍ରତ୍ୟାହୃତ ହୋଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ୧୭ଦଫା ଦାବି ନେଇ ଧାରଣା ଦିଆଯାଇଥିଲା। ତେବେ କେନ୍ଦୁପତ୍ର ତୋଳାଳିଙ୍କ କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀ ସର୍ବନିମ୍ନ ମଜୁରି ବୃଦ୍ଧି ଅନୁପାତରେ ମାସିକ ମଜୁରି ବୃଦ୍ଧି କରିବା, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର୍ ବୃଦ୍ଧି, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ କରିବା, ବୋନସ ପ୍ରଦାନ ଶତକଡା ହିସାବରେ ଗତବର୍ଷଠାରୁ ବୃଦ୍ଧି କରିବା, ମୃତକ ପରିବାରକୁ ମୃତ୍ୟୁକାଳୀନ ସହାୟତା ୪ଲକ୍ଷକୁ ବୃଦ୍ଧି କରିବା, ସିଜିନାଲ କର୍ମଚାରୀ ରୋଗରେ ପୀଡିତ ହେଲେ ଛୁଟିର ବ୍ୟବସ୍ଥା ଆଦି ୧୭ଟି ଦାବିନେଇ ଧାରଣା ଦେବା ସହ ଏକ ଦାବିପତ୍ର କେନ୍ଦୁପତ୍ର ରେଞ୍ଜରଙ୍କୁ ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ୨୭ ତାରିଖ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉଲୁଣ୍ଡା ରେଞ୍ଜ ସଭାପତି ହିମାଂଶୁ ସେଠୀ, ସମ୍ପାଦକ ଅନନ୍ତ ଚନ୍ଦ୍ର ଦାସ, ସିଂଢୋଲ ରେଞ୍ଜ ସମ୍ପାଦକ ରମେଶ ମାହାରଙ୍କ ସମେତ ଉଭୟ ରେଞ୍ଜରେ ବହୁ କେନ୍ଦୁପତ୍ର କର୍ମଚାରୀ ସାମିଲ ହୋଇଥିଲେ।

# ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ କର୍ମଚାରୀଙ୍କ ପରଲୋକ

ବୀରମହାରାଜପୁର,୨୧।୨(ଯୁଗଳ କିଶୋର ମିଶ୍ର)



ସାମନ୍ତ କୁମ୍ଭାର।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମନ୍ତ କୁମ୍ଭାରଙ୍କ ଶନିବାର ଅପରାହ୍ନ ୪ଟା୩୦ରେ ବୁର୍ଲା ବଡ଼ମେଡ଼ିକାଲରେ ପରଲୋକ ଘଟିଛି। ସ୍ୱର୍ଗତ କୁମ୍ଭାର ୨ବର୍ଷରୁ ଊର୍ଦ୍ଧ୍ୱ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଗତ ୩ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାରୁ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଅପରାହ୍ନରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଭୀମସାର, ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ବୁର୍ଲା ବଡ଼ ମେଡ଼ିକାଲରୁ ତାଙ୍କର ମରଶରୀର ଜନ୍ମ ଗାଁ ବଲାଙ୍ଗୀର ଗଏଁତଲା ଗ୍ରାମକୁ ଅଣାଯାଉଥିବାର ସୂଚନା ମିଳିଛି। ସ୍ୱର୍ଗତ କୁମ୍ଭାରଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ସୁବର୍ଣ୍ଣପୁର ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ୧୦ ହଜାର ଟଙ୍କା ତାଙ୍କ ଆତ୍ମୀୟସ୍ୱଜନଙ୍କୁ ପ୍ରଦାନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ପାଇଁ ଜିଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ କୁମ୍ଭାରଙ୍କ ଗାଁକୁ ଯାଇଥିବାର ସୂଚନା ହସ୍ତଗତ ହୋଇଛି।

# ତରଭାକୁ ସବ୍‌ଡିଭିଜନ ଦାବି

ତରଭା,୨୧।୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭାକୁ ସବ୍‌ଡିଭିଜନ ଦାବି ନେଇ ପ୍ରସ୍ତୁତି ବୈଠକ ଶୁକ୍ରବାର ସ୍ଥାନୀୟ ଏନଏସି ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଅଶୋକ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ତରଭା ବ୍ଲକ ଅଧ୍ୟକ୍ଷ ତଥା ସୋନପୁର ଜିଲା ବିଜେଡି ସଭାପତି ସରୋଜ କର୍ମ, ସୋନପୁର ଜିଲା ଭାଜପା ଉପସଭାପତି ସନାତନ କର୍ମୀ, ତରଭା ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ଏନ୍‌ଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ମଧୁସୁଦନ ପାଣ୍ଡେ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ବୃକୋଦର ମେହେର, ବରିଷ୍ଠ ନାଗରିକ ଦେବେନ୍ଦ୍ର ବିଜୟ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଜୟପ୍ରକାଶ ନାରାୟଣ ସାହୁ, ରାଜକିଶୋର ସାହୁ, ଅଶୋକ କୁମାର ସା, କାଉନସିଲର ଆକବର ଅଲ୍ଲୀ, ରାମକୃଷ୍ଣ ସାହୁ, ମହେଶ ରାଓ ଆଚାରି, କପିଳାସ ସେଠ,ଅକ୍ଷୟ କୁମାର ବାଘ, ଡ. ରାଜେଶ କୁମାର ମେହେର ପ୍ରମୁଖ ଯୋଗଦେଇ ତରଭାକୁ ଏକ ସବ୍‌ଡିଭିଜନରେ ପରିଣତ କରିବାର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଆବାହକ ସାହୁ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେ ତାଙ୍କର ବକ୍ତବ୍ୟରେ ତରଭାକୁ ଏକ ସବ୍‌ଡିଭିଜନରେ ପରିଣତ କରିବାକୁ ୩୦ବର୍ଷ ପୂର୍ବରୁ ଦାବି ହୋଇ ଆସୁଛି। ଦଳମତ ନିର୍ବିଶେଷରେ ଆମେ ସମସ୍ତେ ଏକଜୁଟ ହୋଇ ଲଢ଼ିଲେ ଦାବି ହାସଲ ସୁଗମ ହେବ ବୋଲି କହିଥିଲେ। ପୂର୍ବତନ ନଗରପାଳ ସାହୁ ଅବିଭକ୍ତ ବଲାଙ୍ଗୀର ଜିଲାର ତରଭାକୁ ସବ୍‌ଡିଭିଜନ ମାନ୍ୟତା ଦାବିରେ ୧୯୯୨ ମସିହାରେ ଶତାଧିକ ଜନସାଧାରଣ ଏକ ସାଇକେଲ ରାଲିରେ ବଲାଙ୍ଗୀରକୁ ଯାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ପୁରୁଣା ସ୍ମୃତି ମନେ ପକାଇଥିଲେ। ସବ୍‌ଡିଭିଜନ ଦାବିକୁ ଜୋରଦାର କରିବା ପାଇଁ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ତରଭା ଏନଏସିର ଜନପ୍ରତିନିଧି, ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ କର୍ମକର୍ତ୍ତା, ଓକିଲ ସଂଘ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଯୁବକ ଓ ଜନସାଧାରଣଙ୍କୁ ଏକଜୁଟ କରି ଦାବି ଉପସ୍ଥାପନ କରିବାକୁ ମତ ପ୍ରକାଶ ପାଇଥିଲା। ଏହାର ପରବର୍ତ୍ତୀ ବୈଠକ ମାର୍ଚ୍ଚ ପ୍ରଥମ ସପ୍ତାହରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଆବାହକ ସାହୁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଶିବିର ଉଦ୍‌ଯାପିତ

**୧୦୦ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଂଶଗ୍ରହଣ**

ଡୁଙ୍ଗୁରିପାଲି,୨୧।୨(ଦୀନବନ୍ଧୁ ସୁନା)



ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ୫ ଦିନିଆ ବ୍ଲକସ୍ତରୀୟ ଓଡିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି, ଏବିଓ ଗଞ୍ଜାଲୁ ମିର୍ଦ୍ଧା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ଉଦ୍‌ଘାଟନ କରିଥିଲେ। ଏଥିରେ ଡୁଙ୍ଗୁରିପାଲି ବ୍ଲକର ୧୫ କ୍ଲଷ୍ଟରର ୧୦୦ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଗୌତମ ସାହୁ, ପ୍ରଶାନ୍ତ କୁମାର ମିଶ୍ର, ସୁରେଶ କୁମାର ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲାସ୍ତରୀୟ ପରାମର୍ଶ ବୈଠକ



ବୈଠକରେ ସିଡ଼ିଏମଓ ଏଣ୍ଡ ପିଏଚଓ କର୍ମକର୍ତ୍ତା।

ସୋନପୁର,୨୧।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ତାଲିମ କେନ୍ଦ୍ରଠାରେ ରେଆର ଅନୁଷ୍ଠାନ ତଥା ବେସିକ ନିଡ଼ ଇଣ୍ଡିଆ ସହାୟତାରେ ଗୋଷ୍ଠୀଭିତ୍ତିକ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲାସ୍ତରୀୟ ପରାମର୍ଶ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଳତା ମିଶ୍ର, ବେସିକ ନିଡ଼ ଇଣ୍ଡିଆ ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ମାନସିକ ସ୍ୱାସ୍ଥ୍ୟ ଦାୟିତ୍ୱରେ ଏଡିଏମ୍‌ଓ ଡା ତ୍ରିବିକ୍ରମ ପାଣ୍ଡିଆ, ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ, ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅରୂପ ରଞ୍ଜନ ଦାସ ଓ ଟିକେରାମ ପଟେଲ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ତରଭା ବ୍ଲକରେ ଚାଲିଥିବା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଷୟରେ କ୍ଷେତ୍ର କର୍ମୀ ମିତ୍ରଭାନୁ ମଲ୍ଲିକ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମାନସିକ ଅସୁସ୍ଥ ବ୍ୟକ୍ତି ଓ ସେମାନଙ୍କ ଯତ୍ନକାରୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଧନୁର୍ଧର ନାଏକ ସଂଯୋଜନା କରିଥିବା ବେଳେ ଗୁଣନିଧି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିତେନ୍ଦ୍ର ସାହୁ, ଆକାଶ ସାହୁ ଓ ସୁଜାତା ନାଏକ ସହଯୋଗ କରିଥିଲେ।

# ମାତୃଭାଷାର ସମ୍ମାନ କରିବା ଉଚିତ

**ଅମରପାଲି ୟୁପି ସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ**

ଅମରପାଲି,୨୧।୨(ପୀତାମ୍ବର ସାହୁ)





ଅମରପାଲି ୟୁପି ସ୍କୁଲରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ମାତୃଭାଷା ହେଉଛି ଆମ ମନର ଭାଷା, ଭାବନାର ଭାଷା ଓ ସଂସ୍କୃତିର ଆଧାର। ଶିଶୁ ପ୍ରଥମେ ଯେ ଭାଷାରେ ମାଆଙ୍କ ମୁଖରୁ ଶବ୍ଦ ଶୁଣେ, ସେଇ ଭାଷା ହେଉଛି ତାହାର ମାତୃଭାଷା। ଏହା ଆମ ପରିଚୟ ଓ ଅସ୍ତିତ୍ୱକୁ ଜୀବନ୍ତ ରଖେ। ଏଣୁ ମାତୃଭାଷାର ସମ୍ମାନ କରିବା ଉଚିତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇ, ଯଦୁମଣି ବାଘ, ପ୍ରଦୀପ ଜଗଦଲା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃଭାଷା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ସନ୍ତୋଷ ମେହେର ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କନିଷ୍ଠ ବିଭାଗ ପାଇଁ କବିତା ଆବୃତ୍ତି, ସୁନ୍ଦର ହସ୍ତାକ୍ଷର, ଗଳ୍ପ କଥନ ଏବଂ ବରିଷ୍ଠ ବିଭାଗ ପାଇଁ କୁଇଜ, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଆକାଶ କୁମାର କ୍ଷେତି, ରାଜୀବ ଦୀପ ଓ ଆନନ୍ଦିନୀ ପ୍ରଧାନ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

**ଚିଡ଼ିଆଖାନା ନିକଟବର୍ତ୍ତୀ ଜଙ୍ଗଲରେ ନିଆଁ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଚିଡିଆଖାନା ନିକଟବର୍ତ୍ତୀ ଡିୟରପାର୍କ ଜଙ୍ଗଲରେ ଶନିବାର ଦ୍ୱିପହରରେ ନିଆଁ ଲାଗିଥିଲା। ଶୁଖିଲା ପତ୍ରରେ ଲାଗିଯିବାରୁ ନିଆଁ ତୀବ୍ର ଗତିରେ ବ୍ୟାପିବାରେ ଲାଗିଥିଲା। ଖବର ପାଇ ବନ ବିଭାଗ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାଖରେ ଚିଡିଆଖାନା ରହିଥିବାରୁ ନିଆଁ ବ୍ୟାପିବା ଖବର ପଶୁ ପକ୍ଷୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ତେବେ ନିଆଁ କିପରି ଲାଗିଲା ସେନେଇ ବନ ବିଭାଗ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ସିଏସ୍ଓ, ଏଆର୍‌ସିଏସ୍‌ଙ୍କୁ ଘେରିଲେ ଚାଷୀ



ଏଆର୍‌ସିଏସ୍‌ଙ୍କ ସହ ଆଲୋଚନାରତ ଚାଷୀ ପ୍ରତିନିଧି।

ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର)

**ଧାନକିଣା ଅବ୍ୟବସ୍ଥା, ସାର ଯୋଗାଣରେ ଅନିୟମିତତା**

ସମ୍ବଲପୁର ଜିଲାରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଶନିବାର ଚାଷୀ ସଙ୍ଗଠନ ପକ୍ଷରୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିଏସ୍ଓ) ଓ ଜିଲା ସମବାୟ ସମିତି ସମୂହ ସହକାରୀ ଉପନିବନ୍ଧକ(ଏଆର୍‌ସିଏସ୍)ଙ୍କୁ ଘେରାଉ କରିଥିଲେ। ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର ଓ ସମ୍ପାଦକ ଦେବେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ପ୍ରଥମେ ସିଏସ୍ଓ ସୁବୋଧ ହୋତାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଧାନ କ୍ରୟ ଟାଗ୍ରେଟ୍ ଧାର୍ଯ୍ୟ ଓ ଟୋକନ୍ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ବିଶେଷ କରି ଚଳିତ ସିଜନରେ ପଞ୍ଜୀକୃତ ହୋଇପାରି ନ ଥିବା ନୂତନ ଚାଷୀଙ୍କୁ ସାମିଲ କରିବା ପାଇଁ ସଙ୍ଗଠନ ପକ୍ଷରୁ ସିଏସ୍ଓଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ଟୋକନ ବ୍ୟବସ୍ଥାରେ ଜଟିଳତା ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି। ଏକ ସଙ୍ଗେ ନ ଆସି ପର୍ଯ୍ୟାୟକ୍ରମେ ଟୋକନ ଆସୁଥିବାରୁ ଚାଷୀଙ୍କ ଧାନ ବିକ୍ରୟ ବିଳମ୍ବ ହେବା ସହ ଦୀର୍ଘଦିନ ଧରି ମଣ୍ଡିରେ ପଡି ରହୁଛି। ଫଳରେ ଧାନ ମୂଷା ଓ ଗୋରୁଙ୍କ ଦ୍ୱାରା ନଷ୍ଟ ହେଉଛି। ଆଗାମୀ ଦିନେ ଦୁଇଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ଚାଷୀମାନଙ୍କୁ ସିଏସ୍ଓ ହୋତା ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି, ଏଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚାଷୀମାନେ ସାର ଯୋଗାଣରେ ଅନିୟମିତତାକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। ରବିଋତୁରେ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପିଏସିଏସ୍)ମାନଙ୍କରେ 'ନାନୋ ୟୁରିଆ' ତରଳ ସାର କ୍ରୟ କରିବାକୁ ବାଧ୍ୟ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଡିଆର୍‌ସିଏସ୍‌ଙ୍କ ଅନୁପସ୍ଥିତିରେ ଚାଷୀମାନେ ଏଆର୍‌ସିଏସ୍ ମଧୁସୂଦନ ମେହେରଙ୍କ ସହିତ ଆଲୋଚନା କରିଥିଲେ। ପିଏସିଏସ୍ ଗୁଡ଼ିକରେ ଚାଷୀମାନଙ୍କୁ ଅନାବଶ୍ୟକ ସାର କିଣିବାକୁ ବାଧ୍ୟ କରାଯାଉଥିବା ବେଳେ ବଜାରରେ ୟୁରିଆ ସାର କଳାବଜାର ବଢୁଥିବା ନେଇ ଅଭିଯୋଗ କରିଥିଲେ। ଯଦ୍ୱାରା ଚାଷୀମାନେ ସାର ପାଇଁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ଉକ୍ତ ଉଭୟ ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତାହେଲେ ପୁଣିଥରେ ଜିଲାର ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଚାଷୀଙ୍କୁ ନାନୋ ୟୁରିଆ ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ: ଏଆର୍‌ସିଏସ୍

ସମ୍ବଲପୁର ଜିଲାର ବିଭିନ୍ନ ପିଏସିଏସ୍‌ରେ ଚାଷୀଙ୍କୁ ୟୁରିଆ ନାନୋ ତରଳ ସାର କ୍ରୟ ପାଇଁ ବାଧ୍ୟ କରାଯାଉଛି। ଏହି ଅଭିଯୋଗ ଉପରେ ଏଆର୍‌ସିଏସ୍ ମେହେର କହିଛନ୍ତି, କୌଣସି ଚାଷୀଙ୍କୁ ତାଙ୍କ ଇଚ୍ଛା ବିରୋଧରେ କୌଣସି ସାର କ୍ରୟ ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ। ଚାଷୀମାନଙ୍କ ଅଭିଯୋଗ ପରେ ବିଭାଗ ପକ୍ଷରୁ ତୁରନ୍ତ ଏ ନେଇ ଚିଠି ମାଧ୍ୟମରେ ବିଭିନ୍ନ ପିଏସିଏସ୍‌କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ ନାନୋ ୟୁରିଆ ଗ୍ରହଣ କରିବା ସମ୍ପୂର୍ଣ୍ଣ ଚାଷୀଙ୍କ ଇଚ୍ଛାଧୀନ ବୋଲି ପିଏସିଏସ୍ ସମ୍ପାଦକମାନଙ୍କୁ ସ୍ପଷ୍ଟ କରାଯାଇଛି। ଏଭଳି ଅନେକ ଏପରି ଚାଷୀ ଅଛନ୍ତି, ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ନାନୋ ୟୁରିଆ ତରଳ ସାର ବ୍ୟବହାର କରି ସୁଫଳ ପାଉଛନ୍ତି। ସରକାରୀ ଦର ଅନୁଯାୟୀ, ୪୫ କେଜି ବିଶିଷ୍ଟ ୟୁରିଆ ସାର ବସ୍ତା ପିଛା ୨୬୭ ଟଙ୍କା ରହିଛି ଓ ଅଧ ଲିଟର ବିଶିଷ୍ଟ ନାନୋ ୟୁରିଆ ବୋତଲ ପଛା ଦର ୨୨୫ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀଙ୍କ ସୁବିଧା ପାଇଁ ଏହି ମୂଲ୍ୟ ତାଲିକା ସମସ୍ତ ପିଏସିଏସ୍‌ର ନୋଟିସ ବୋର୍ଡରେ ପ୍ରଦର୍ଶିତ କରାଯାଇଛି। ୟୁରିଆର କଳାବଜାରୀ ରୋକିବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି। ଉକ୍ତ ସ୍କ୍ୱାଡ ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ଉପରେ ନଜର ରଖିବା ସହ ଚଢ଼ାଉ ଜାରି ରଖିଛି। କଳାବଜାର ହେବାର ସୂଚନା ମିଳେ ସମ୍ପୃକ୍ତ ଦୋକାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଆର୍‌ସିଏସ୍ ମେହେର କହିଛନ୍ତି।

# ୪ କୋଟି ଟଙ୍କାର ଋଣ ମଞ୍ଜୁରିପତ୍ର ପ୍ରଦାନ




କାର୍ଯ୍ୟକ୍ରମରେ ଅତିଥିମାନେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ସମ୍ବଲପୁର,୨୧।୨(ବି.ଶଙ୍କର)

**ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ରିଟେଲ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରିଟେଲ କ୍ରେଡିଟ୍ ଆଉଟ ରିଚ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ସମ୍ବଲପୁର ଏବଂ ଅନୁଗୋଳଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ହିତାଧିକାରୀଙ୍କୁ ୪ କୋଟି ଟଙ୍କାର ଋଣ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା। ଆର୍ଥିକ ଅଭିବୃଦ୍ଧି ଓ ଆର୍ଥିକ ସଶକ୍ତିକରଣକୁ ଆଗେଇ ନେବାରେ ସମୟୋଚିତ ଏବଂ ଆବଶ୍ୟକଭିତ୍ତିକ ଋଣର ଗୁରୁତ୍ୱ ଉପରେ କ୍ଷେତ୍ରୀୟ ମୁଖ୍ୟ କୁମାର ଆଲୋକପାତ କରିଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଗ୍ରାହକ କୈନ୍ଦ୍ରିକ ସେବା, ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନ ଓ ଦୀର୍ଘକାଳୀନ ବ୍ୟାଙ୍କିଙ୍ଗ୍ ସମ୍ପର୍କକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜେସିଆଇ ପ୍ରେସିଡେଣ୍ଟ ପ୍ରଣବ ଲାଠ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ୟାଙ୍କର ସହଯୋଗ ପାଇଁ ପ୍ରଶଂସା କରିଥିଲେ।

# ନିଷ୍ଠାର ସହ ଦାୟିତ୍ୱ ପାଳନ କର




ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଆପତକାଳୀନ ବୈଠକରେ ଅଧିକାରୀମାନେ।

ସମ୍ବଲପୁର,୨୧।୨(ବି.ଶଙ୍କର)

**ସମ୍ବଲପୁର ଜିଲା ଆପତକାଳୀନ ବୈଠକ**

ସମ୍ବଲପୁର ଜିଲା ଆପତକାଳୀନ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଜାଧବ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଫ୍ୟାକ୍ଟରୀ ଏବଂ ବଏଲରର ଉପନିର୍ଦ୍ଦେଶକ ସ୍ୱରୂପ ଜେନା ଯୋଗଦେଇଥିଲେ। ଫ୍ୟାକ୍ଟରୀ ଏବଂ ବଏଲର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ବୈଠକ ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ବୈଠକରେ ଅନ୍ୟାନ୍ୟ ଶିଳ୍ପକ୍ଷେତ୍ର ଅନ୍ତର୍ଗତ ଅନସାଇଡ ଏବଂ ଅଫସାଇଡ ଏମର୍ଜେନ୍ସି ପ୍ଲାନର ଗୁରୁତ୍ୱ, ମକଡ୍ରିଲ, ଜିଲାର ଏମ୍ଏଏଚ ଉଦ୍ୟୋଗଗୁଡ଼ିକର ଚିହ୍ନଟ ଏବଂ ତା'ର ସୁରକ୍ଷା ବ୍ୟବସ୍ଥା ପରିଚାଳନା ଆଦି ବିଷୟ ଆଲୋଚନା ହୋଇଥିଲା। ଉଦ୍ୟୋଗଗୁଡ଼ିକରେ ବ୍ୟବହୃତ ଜଟିଳ ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥ, ସେହି ରାସାୟନିକଗୁଡ଼ିକ ସଡକ ମାର୍ଗରେ ଟ୍ୟାଙ୍କର ଓ ଅଣ୍ଡରଗ୍ରାଉଣ୍ଡ ପାଇପ ଲାଇନ୍ ଦ୍ୱାରା ପରିବହନ ସମୟରେ କିପରି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରିବା ସେ ବିଷୟରେ ଆଲୋଚନା ହୋଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଭୋପାଳ ଗ୍ୟାସ ଦୁର୍ଘଟଣାର ଉଦାହରଣ ଦେଇ, ଏ ପ୍ରକାର ଦୁର୍ଘଟଣା ଯେମିତି ପୁନରାବୃତ୍ତି ନହୁଏ ଧ୍ୟାନ ଦେବାକୁ କହିଥିଲେ। ଅପାତକାଳୀନ ପରିସ୍ଥିତିକୁ ସାମ୍ନା କରିବାପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଗ୍ୟାସ ଲିକ୍ ଉପରେ ଗୁରୁତ୍ୱ ଦେବା, ନିୟମିତ ମକ୍‌ଡ୍ରିଲ୍ କରିବା, ବ୍ୟବହୃତ ଉପକରଣଗୁଡ଼ିକର ଉନ୍ନତିକରଣ ଏବଂ ଏହାର ଅବସ୍ଥା ଅପଡେଟ୍ ରଖିବା, ଶିଳ୍ପ ମଧ୍ୟରେ ସମନ୍ୱୟ ଏବଂ ସହଯୋଗ ବୃଦ୍ଧି କରିବା, ବିପଦଜନକ ରାସାୟନିକ ପଦାର୍ଥ ପରିବହନ ସମୟରେ ସୁରକ୍ଷା ନିଶ୍ଚିତ କରିବା, ଡିସିଜିର ଗୁରୁତ୍ୱ ଏବଂ ଦାୟିତ୍ୱର ସମ୍ପୂର୍ଣ୍ଣନିଷ୍ଠା ସହିତ ପାଳନ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୃହତ ଶିଳ୍ପର ଆଖପାଖ ଅଞ୍ଚଳର ବାସିନ୍ଦାମାନଙ୍କୁ ରସାୟନିକ ଦୁର୍ଘଟଣାର ଭୟାବହତା ଓ ଏହାର ମୁକାବିଲା କରିବା ନିମନ୍ତେ ସଚେତନ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ବୋନ୍ଦର ପରାମର୍ଶ ଦେଇଥିଲେ।

# ବନାଗ୍ନି ନିୟନ୍ତ୍ରଣ କରିବ ୫ ସ୍ୱତନ୍ତ୍ର ସ୍କ୍ୱାଡ୍

ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର)

ବନାଗ୍ନି ଦ୍ୱାରା କେବଳ ଜଙ୍ଗଲ ନଷ୍ଟ ହେଉଛି ତାହା ନୁହେଁ, ବରଂ ବନ୍ୟପ୍ରାଣୀ ଓ ପରିବେଶ ଉପରେ ମଧ୍ୟ କୁପ୍ରଭା ପଡୁଛି। ତେଣୁ ବନାଗ୍ନି ନିୟନ୍ତ୍ରଣ ଏକାନ୍ତ ପ୍ରୟୋଜନ। ୨୦୨୬-୨୭ ବର୍ଷ ପାଇଁ ସମ୍ବଲପୁର ବନଖଣ୍ଡରେ ବନାଗ୍ନିର ମୁକାବିଲା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ୨୦୨୫-୨୬ ବର୍ଷରେ ବନାଗ୍ନି ନିର୍ବାପନର ଅନୁଭୂତି ଆଧାରରେ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି। ଜେଲଖାନା ଛକ ନିକଟ ଡିଏଫ୍ଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବନାଗ୍ନିର ମୁକାବିଲା ପାଇଁ ବନ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଜାଧବ ଏହା କହିଛନ୍ତି।

ଡିଏଫ୍ଓ କହିଛନ୍ତି ବନାଗ୍ନି ନିୟନ୍ତ୍ରଣ ଓ ନିରାକରଣ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ 'ଜିଲ୍ଲା ଫାୟାର ଆକ୍ସନ ପ୍ଲାନ୍' ପ୍ରସ୍ତୁତ କରାଯାଇ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି। ଜଙ୍ଗଲରେ ଅଗ୍ନି ନିର୍ବାପନ ପାଇଁ ୫ଟି ୧୦ ଜଣିଆ ସ୍ୱତନ୍ତ୍ର ଫାୟାର ଫାଇଟିଂ ସ୍କ୍ୱାଡ ଗଠନ କରାଯାଇଛି। ସେଥିରେ ୫୦ ଜଣ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଜଙ୍ଗଲ ମଧ୍ୟସ୍ଥ ଦୁର୍ଗମ ସ୍ଥାନକୁ ସେମାନଙ୍କ ଗମନାଗମନ ପାଇଁ ୫ଟି ଅଗ୍ନି ନିର୍ବାପନ ଉପକରଣ ଖଚିତ ସ୍ୱତନ୍ତ୍ର ଯାନ ଯୋଗାଇ ଦିଆଯାଇଛି। ବନ କର୍ମଚାରୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବନାଗ୍ନି ନିର୍ବାପନ ପାଇଁ ଆହୁରି ୨୬ଟି ନୂତନ ଲିଫ୍ ବ୍ଲୋୟର ଯନ୍ତ୍ର କ୍ରୟ କରାଯାଇ ୧୪୪ଟି ଲିଫ୍ ବ୍ଲୋଅର ଯନ୍ତ୍ର ସହିତ ତାଲିମପ୍ରାପ୍ତ ବନ କର୍ମଚାରୀଙ୍କୁ ପ୍ରସ୍ତୁତ ରଖାଯାଇଛି। ଗତବର୍ଷ ୭୯୩ଟି ସ୍ଥାନରେ ବନାଗ୍ନି ଘଟିଥିବା ବେଳେ ସେଥିରୁ ୪୭% ପ୍ରାୟ ୪୨୩ଟି ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ଲାଗିଥିଲା। ଗତବର୍ଷ ୭୧୯ କିଲୋମିଟରର ଅଗ୍ନି ନିରୋଧକ ଲାଇନ୍ ସୃଷ୍ଟି କରାଯାଇ ଶତିପ୍ରତିଶତ ରକ୍ଷଣାବେକ୍ଷଣରେ ସଫଳ ହୋଇଥିଲୁ। ତେବେ ଚଳିତ ବର୍ଷ ୫୭୯ କିଲୋମିଟରର ଲମ୍ବ ଅଗ୍ନି ନିରୋଧକ ରେଖା ସୃଷ୍ଟି କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨୫୦ କିଲୋମିଟର କାର୍ଯ୍ୟ ସମ୍ପନ୍ନ ହୋଇଛି। ଅବଶିଷ୍ଟ କାର୍ଯ୍ୟ କିଛି ଦିନ ମଧ୍ୟରେ ଶେଷ ହେବ ବୋଲି ସେ କହିଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ପ୍ରାୟ ୧୯୪ ସମ୍ବେଦନଶୀଳ ଗ୍ରାମକୁ ଚିହ୍ନଟ କରାଯାଇ ସେଠାରେ ପାଲା ଓ ରାଲି ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି। ମହୁଲ ଫୁଲ ସଂଗ୍ରହ ସମୟରେ ଯେପରି ନିଆଁ ନ ଲାଗେ, ସେଥିପାଇଁ ମହୁଲ ଗଛ ମୂଳକୁ ସଫା କରି କଣ୍ଟ୍ରୋଲ ବର୍ଣ୍ଣ କରାଯାଉଛି। ଜଙ୍ଗଲରେ ନଜର ରଖିବା ପାଇଁ ମଞ୍ଚ ନିର୍ମାଣ କରି କର୍ମଚାରୀଙ୍କୁ ବନାଗ୍ନି ଉପରେ ନଜର ରଖିବା ପାଇଁ ୨୪ ଘଣ୍ଟା ନିୟୋଜିତ କରାଯିବ। ବନାଗ୍ନି ସମ୍ପର୍କିତ ସୂଚନା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ନମ୍ବର୍ ୮୭୫୮୭୯୯୪୩୯ କାର୍ଯ୍ୟକ୍ଷମ କରାଯାଇଛି। ଏକ ଅଭିଯାନ ସ୍ୱରୂପ ଜିରୋ ଫରେଷ୍ଟ ଫାୟାର ନିଶ୍ଚିତ କରୁଥିବା ବନ ସୁରକ୍ଷା ସମିତିକୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ଡିଏଫ୍ଓ ଜାଧବ କହିଛନ୍ତି। ଖବରଦାତା ସମ୍ମିଳନୀରେ ମୟଙ୍କ ଅଗ୍ରୱାଲ, ଏସିଏଫ୍ ମନୋଜ ଶିଖା, ଏସିଏଫ୍ ରାଜଶ୍ରୀ ତିର୍କି, ଅମୀତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଡିଏଫ୍ଓଙ୍କ ସହ ଅନ୍ୟ ଅଧିକାରୀମାନେ।

## ବୃଦ୍ଧଙ୍କୁ ଧକ୍କାଦେଇ ବାଇକ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

ରେଙ୍ଗାଲି, ୨୧।୨(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ରାଜ ରାଜପଥ ୧୦ର ନୂଆଁ ରମ୍ପେଲାଠାରେ ରାସ୍ତାପାର ହେଉଥିବା ଜଣେ ବୃଦ୍ଧଙ୍କୁ ଧକ୍କାଦେଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବାଇକ ଚାଳକଙ୍କ ମୃତ ଘଟିଛି। ମୃତକ ରେଙ୍ଗାଲି ପୁରୁଣା ବସ୍ତିର କୁଞ୍ଜ ପଧାନ। ଦୁର୍ଘଟଣାରେ ଆହତ ନୂଆଁ ରମ୍ପେଲାର ଦଶରଥ ମାହାଣା ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କୁଞ୍ଜଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଛି। କୁଞ୍ଜ ବାଇକ(ନଂ. ଓଆର ୨୩ ଏ ୫୨୮୭)ରେ ସମ୍ବଲପୁର ପଟୁ ଆସୁଥିବାବେଳେ ନୂଆଁ ରମ୍ପେଲାଠାରେ ରାସ୍ତା ପାର ହେଉଥିବା ଦଶରଥଙ୍କୁ ଧକ୍କା ଦେଇଥିଲା। ଏଥିରେ ଦଶରଥଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ପୋଲିସ ଦୁର୍ଘଟଣାଜିତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂସ୍କୃତିର ସଂରକ୍ଷଣ ଯୁବ ସମାଜ ଉପରେ ନିର୍ଭରଶୀଳ

ସମ୍ବଲପୁର,୨୧।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଶନିବାର ଉଦେଁ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଯୁବ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସୋମନାଥ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି, ଯୁବ ଗବେଷକ ମାନସ କୁମାର ଷଡଙ୍ଗୀ ମୁଖ୍ୟବକ୍ତା, ଗୋପୀନାଥ ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଗବେଷକ ଷଡଙ୍ଗୀ କହିଥିଲେ, ସମ୍ବଲପୁରୀ ସଂସ୍କୃତିର ମହାନତାକୁ ବୁଝିବାକୁ ହେଲେ ଏହାର ଗଭୀରତାକୁ ଜାଣିବାକୁ ହେବ। ସମ୍ବଲପୁରୀ ଲୋକ ସଂସ୍କୃତି ପାଇଁ କାର୍ଯ୍ୟ କରିଥିବା କଳାକାର ମାନେ ମଧ୍ୟ ସମାଜରେ ନିଜର ସ୍ୱତନ୍ତ୍ର ପ୍ରତିଷ୍ଠା ଅର୍ଜନ କରି ପାରିଛନ୍ତି। ମୁଖ୍ୟ ଅତିଥି ମହାପାତ୍ର କହିଥିଲେ, ଯେ କୌଣସି ସଂସ୍କୃତିର ସଂରକ୍ଷଣ ଏବଂ ବିକାଶ ଯୁବ ସମାଜ ଉପରେ ନର୍ଭରଶୀଳ। ଏହି ଅବସରରେ ଯୁବ କଳାକାର ରୋଜା ଆଚାରୀ ସମ୍ବଲପୁରୀ ଭାଷା ମୂଲ୍ୟବୋଧ ଉପରେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ରୋହନ ବନଛୋର ସମ୍ବଲପୁରୀ ଭାଷାର ଉପଯୁକ୍ତ ପ୍ରଚାରପ୍ରସାର ନିମନ୍ତେ ଯୁବ ସମାଜର ସମ୍ମିଳିତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

# ନକଲି ବିଦେଶୀ ମଦ କାରବାର, ଜଣେ ଗିରଫ

ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର)

ଧନୁପାଲି ଥାନା ତୁରିପଡ଼ାର ଏକ ଭଡ଼ା ଘରେ ନକଲି ବିଦେଶୀ ମଦ କାରବାର କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିଛି ସମ୍ବଲପୁର ଅବକାରୀ ବିଭାଗ। ଅଭିଯୁକ୍ତ ବିହାରର ବିକାଶ କୁମାର(୩୦)। ଉକ୍ତ ଘରୁ ୫.୪ ଲିଟର ଅପମିଶ୍ରିତ ବିଦେଶୀ ମଦ, ବିଭିନ୍ନ ବ୍ରାଣ୍ଡର ପ୍ରାୟ ୧୦,୨୨୧ଟି ମଦବୋତଲର ନକଲି ଠିପି, ୭୪୧୬ଟି ନକଲି ଅବକାରୀ ଷ୍ଟାମ୍ପ, ଏକ ବାଇକ୍, ମୋବାଇଲ୍ ଫୋନ ଜବତ କରାଯାଇଛି। ଏ ସମ୍ପର୍କରେ ସମ୍ବଲପୁର ଅବକାରୀ ନିରୀକ୍ଷକ ଭୈରବ ସାହୁ ସୂଚନା ଦେଇ କହିଛନ୍ତି, ଗତ କିଛିଦିନ ହେଲା ଏହି ଭଡ଼ା ଘରେ ନକଲି ବିଦେଶୀ ମଦ କାରବାର ଚାଲିଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭାଗ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ତାଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଯୋଜନା ଅନୁସାରେ ଶୁକ୍ରବାର ନକଲି ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସାମଗ୍ରୀକୁ ଏକ ବସ୍ ଯୋଗେ ରାଉରକେଲା ପଠାଇବା ସମୟରେ ବିକାଶଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ବେଳେ ସେ ଏହି କାରବାରରେ ସମ୍ପୃକ୍ତ ବୋଲି ସ୍ୱୀକାର କରିଥିଲେ। ନକଲି ମଦ ପ୍ରସ୍ତୁତି ପାଇଁ ଆବଶ୍ୟକ ସାମଗ୍ରୀ ରାୟପୁରରୁ ଆଣି ରାଉରକେଲା ପଠାଉଥିଲେ। ସେଠାରେ ପ୍ରସ୍ତୁତ ନକଲି ବିଦେଶୀ ମଦ ପୁଣି ସମ୍ବଲପୁର ଆଣି ବିଭିନ୍ନ ସ୍ଥାନକୁ ଚାଲାଣ ସହ ବେପାରୀମାନଙ୍କ ହୋଲସେଲ୍‌ରେ ଯୋଗାଇ ଦେଉଥିଲେ ବୋଲି କହିଥିଲେ। ସେ ନିଜେ ମଧ୍ୟ ଏଠାରେ ନକଲି ମଦ ପ୍ରସ୍ତୁତ କରୁଥିଲେ ବୋଲି ସ୍ୱୀକାର କରିଥିଲେ। ସେହିପରି ଏଠାରେ ସେ ଅଳ୍ପ ପରିମାଣର ଅସଲି ମଦରୁ କିଭଳି ଅପମିଶ୍ରିତ ନକଲି ମଦ ପ୍ରସ୍ତୁତ କରୁଥିଲେ ତାର ଡେମୋ ପ୍ରଦର୍ଶନ କରିଥିଲେ ବୋଲି ଅବକାରୀ ନିରୀକ୍ଷକ ସାହୁ କହିଛନ୍ତି। ଦେଖାଇଥିବା ଏହି ଘଟଣାକୁ ନେଇ ରାଉରକେଲା ଅବକାରୀ ବିଭାଗ ସହ ଯୋଗାଯୋଗ ଜାରି ରହିଛି ବୋଲି ସାହୁ କହିଛନ୍ତି। ଏ ନେଇ ଏକ ମାମଲା (ନଂ.୧୦୫/୨୬ରୁଜୁ କରି ବିକାଶ କୁମାରଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

# କେନ୍ଦୁପତ୍ର କର୍ମଚାରୀ ସଂଘର ୧୭ଦଫା ଦାବିପତ୍ର

ନାକଟିଦେଉଳ,୨୧।୨(ବୈକୁଣ୍ଠନାଥ ସାହୁ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନକ୍ରମେ ରେଢ଼ାଖୋଲ ଡିଭିଜନ ଶାଖା ପକ୍ଷରୁ ଶନିବାର ସମ୍ବଲପୁର ଜିଲା ନାକଟିଦେଉଳ କେନ୍ଦୁପତ୍ର ରେଞ୍ଜ ଅଧିକାରୀ ସ୍ୱାଗତିକା ଶତପଥୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁପତ୍ର ତୋଳାଳିମାନଙ୍କର କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ଅନୁପାତରେ ୨୦୨୪ ମସିହା ଜୁଲାଇ ୧୮ ତାରିଖଠାରୁ ମାସିକ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକମାନଙ୍କ ବଣ୍ଡଲ ପ୍ରତି ଦର ବୃଦ୍ଧି, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ କରାଯିବା, କେନ୍ଦୁପତ୍ର ଘରୋଇକରଣ ବନ୍ଦ କରାଯିବା, ବୋନସ ପ୍ରଦାନ ଶତକଡା ହିସାବରେ ଗତ ବର୍ଷଠାରୁ ଅଧିକ ବୃଦ୍ଧି, କେନ୍ଦୁପତ୍ର ତୋଳାଳି ମୃତକ ପରିବାର ବର୍ଗକୁ ମୃତ୍ୟୁକାଳୀନ ସହାୟତା ୨ଲକ୍ଷ ଟଙ୍କାରୁ ୪ଲକ୍ଷକୁ ବୃଦ୍ଧି, କେନ୍ଦୁପତ୍ରରେ ଜିଏସ୍‌ଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯିବା ଏବଂ ବଜେଟରେ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟରତ ଶ୍ରମିକମାନଙ୍କର ସାମାଜିକ ନିରାପତ୍ତା ସହାୟତା ପାଇଁ ୨୦୦ କୋଟିର ବ୍ୟବସ୍ଥା କରାଯିବା ଆଦି ୧୭ ଦଫା ଦାବି ସଂକ୍ରାନ୍ତୀୟ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ନାକଟିଦେଉଳ ରେଞ୍ଜ ସମ୍ପାଦକ ଭିକାରୀ ଚରଣ ପ୍ରଧାନ, ଜୁରାପାଲି କେନ୍ଦୁପତ୍ର ଫଡିର ମୁନସୀ ପ୍ରଫୁଲ୍ଲ ସ୍ୱାଇଁ, ଗୌଡ଼ପଡା ଫଡିର ମୁନସୀ କପିଳ ଧଳ ଏବଂ ମହୁଲପାଲି ଫଡିର ମୁନସୀ ପ୍ରସନ୍ନ ଷଣ୍ଢଙ୍କ ନେତୃତ୍ୱରେ ଟଙ୍କଧର ସାହୁ, ପ୍ରଭାକର ବେହେରା, ପବିତ୍ର ମୋହନ ପ୍ରଧାନ, ଦିଲ୍ଲୀପ ନାଏକ ଏବଂ ବେଣୁଧର ସାହୁଙ୍କ ସମେତ ଶତାଧିକ ତୋଳାଳି ଏବଂ ସିଜିନାଲ କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦୁପତ୍ର ତୋଳାଳୀ ଏବଂ କର୍ମଚାରୀମାନଙ୍କ ହିତ ଦୃଷ୍ଟିରୁ ସରକାର ତୁରନ୍ତ ଏହାର ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିବା ବେଳେ ସରକାର ଯଦି ଏଥିପ୍ରତି ଅଣଦେଖା କରନ୍ତି ତାହାଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ସଂଘର କାର୍ଯ୍ୟକର୍ତ୍ତା, ସିଜିନାଲ କର୍ମଚାରୀ ଏବଂ ତୋଳାଳିମାନେ ଯୋଗଦେଇ ବିଭିନ୍ନ ସ୍ଲୋଗାନ ମାନ ଦେବା ସହ ସରକାର ଶୀଘ୍ର ଏହାର ସମାଧାନ କରିବାକୁ ଦାବି କରିଥିଲେ। ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ ନେଲେ ଆଗାମୀ ୨୭ତାରିଖରେ ନାକଟିଦେଉଳଠାରେ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥକୁ ଅବରୋଧ କରାଯିବ ବୋଲି ସଂଘ କାର୍ଯ୍ୟକର୍ତ୍ତା ଏବଂ କେନ୍ଦୁପତ୍ର ତୋଳାଳିମାନେ ଚେତାବନୀ ଦେଇଛନ୍ତି। ସେହିପରି ବ୍ଲକର କିସିଣ୍ଡା ରେଞ୍ଜରେ ସଂଘ ସମ୍ପାଦକ ପ୍ରମୋଦ ସାହୁ ଏବଂ ଶିମିଳିପାଳ ରେଞ୍ଜ ସମ୍ପାଦକ ଅରୁଣ ପ୍ରଧାନଙ୍କ ନେତୃତ୍ୱରେ ଶନିବାର ୧୭ ଦଫା ଦାବି ନେଇ ରେଞ୍ଜ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।



କେନ୍ଦୁପତ୍ର ରେଞ୍ଜ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

